ଉପଜିଲାପାଳ ଏବଂ ଅତିରିକ୍ତ ଜିଲାପାଳ ଯେହେତୁ ଅଧିକାଂଶ ସମୟ ନିଜ ନିଜର ପ୍ରଶାସନିକ କାର୍ଯ୍ୟରେ ବ୍ୟସ୍ତ ରହୁଛନ୍ତି, ତେଣୁ ବିଭିନ୍ନ କଲେଜରୁ ସେମାନଙ୍କ ନିକଟକୁ ଯାଉଥିବା ସମସ୍ତ ଫାଇଲକୁ ଉପଯୁକ୍ତ ଭାବେ ନିରୀକ୍ଷଣ କରି ପାରୁନାହାନ୍ତି। ଆଉ ଯଦିବା କେବେ କୌଣସି ଆର୍ଥିକ କାରବାର ସମ୍ପର୍କିତ ଫାଇଲକୁ ସେମାନେ ନିରୀକ୍ଷଣ କରି କିଛି ଅନିୟମିତତାକୁ ଧରୁଛନ୍ତି, ସମ୍ପୃକ୍ତ କଲେଜ ଅଧ୍ୟକ୍ଷମାନେ କେତେଜଣ ନେତାଙ୍କୁ ଧରି କମିଟିର ସଭାପତି ପଦବୀରୁ ହଟାଇବାକୁ ଦାବି କରୁଛନ୍ତି। ଏଭଳି ଏକ ଅଭିଯୋଗ କନିକାପଡ଼ାସ୍ଥିତ ସାଧୁଗୌଡେଶ୍ୱର କଲେଜରୁ ଏବେ ଆସିଛି। କଲେଜର ଜଣେ ପୂର୍ବତନ ଅଧ୍ୟକ୍ଷଙ୍କ ନାମରେ ୩୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଆର୍ଥିକ ଅନିୟମିତତା ନେଇ ଅଭିଯୋଗ ଆସିବା ପରେ ସରକାର ତାଙ୍କୁ ଅନ୍ୟତ୍ର ବଦଳି କରିଥିଲେ। କିନ୍ତୁ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ଏବଂ କୋର୍ଟ ତାଙ୍କ ବଦଳି ବାତିଲ କରିଥିଲେ। ହେଲେ ପୁଣି ତାଙ୍କୁ ସାଧୁଗୌଡେଶ୍ୱର କଲେଜର ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିବାକୁ ଆଉ ନିର୍ଦ୍ଦେଶ ଦେଇ ନ ଥିଲେ। ତେଣୁ ନିୟମ ଅନୁସାରେ ପରିଚାଳନା କମିଟିର ସଭାପତି ଥିବା ଉପଜିଲାପାଳ କଲେଜର ଜଣେ ସିନିୟର ରିଡରଙ୍କୁ ଅଧ୍ୟକ୍ଷ ଦାୟିତ୍ୱ ଅସ୍ଥାୟୀ ଭାବେ ଦେଇଥିଲେ। ଉଚ୍ଚଶିକ୍ଷା ବିଭାଗ କିନ୍ତୁ ଆର୍ଥିକ କାରବାର କ୍ଷମତା ସାମୟିକ ଭାବେ ଉପଜିଲାପାଳଙ୍କ ଉପରେ ନ୍ୟସ୍ତ କରିଥିଲା। ଏହାରି ଭିତରେ ଉଚ୍ଚଶିକ୍ଷା ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କୁ ଧରାଧରି କରି କୁଆଡେ ପୁଣି ପୂର୍ବତନ ଅଧ୍ୟକ୍ଷଙ୍କୁ ଆର୍ଥିକ କ୍ଷମତା ଦିଆଯାଇଥିବା କଲେଜର କର୍ମଚାରୀ ମହଲରେ ଚର୍ଚ୍ଚା ହେଉଛି।

ସେହିପରି ବରୁଣେଶ୍ୱର ମହାବିଦ୍ୟାଳୟରେ ୧୦ରୁ ଊର୍ଦ୍ଧ୍ୱ ରିଡର୍ ଥିବା ସତ୍ତ୍ୱେ ଏଠାରେ ଜଣେ ବ୍ଲକ୍ ଗ୍ରାଣ୍ଟ ଅଧ୍ୟାପିକାଙ୍କ ଉପରେ ଅଧ୍ୟକ୍ଷ ଦାୟିତ୍ୱ ଦିଆଯାଇଛି। କେବଳ ଏଇ କେତେକ କଲେଜ ନୁହେଁ, ଜିଲାର ଖରସ୍ରୋତା ମହାବିଦ୍ୟାଳୟ, ବୈତରଣୀ ରୋଡ ମହାବିଦ୍ୟାଳୟ, ମୁଗୁପାଳର ଉପେନ୍ଦ୍ରନାଥ ମହାବିଦ୍ୟାଳୟ, ନୂଆହାଟର ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟ, ଛତିଆର ମହାପୁରୁଷ ହାଡ଼ି ଦାସ ମହାବିଦ୍ୟାଳୟ, କାଇପଡ଼ାର ଆଞ୍ଚଳିକ ମହାବିଦ୍ୟାଳୟ ଏବଂ କାଦମ୍ବିନୀ ପାଳ ମହିଳା ମହାବିଦ୍ୟାଳୟରେ ମଧ୍ୟ ସମାନ ପନ୍ଥା ଅବଲମ୍ବନ କରାଯାଇଥିବା ଅଭିଯୋଗ ହେଉଛି। ତେଣୁ ସେଭଳି ଅଧ୍ୟାପକ ଓ ରିଡରମାନଙ୍କୁ ନିୟମ ଆଧାରରେ ବଦଳି କରାଯିବା ସହ ସମ୍ପୃକ୍ତ କଲେଜଗୁଡ଼ିକର ସ୍ୱତନ୍ତ୍ର ଅଡିଟ୍ କରାଗଲେ ବହୁ ଦୁର୍ନୀତି ଓ ଅନିୟମିତ କାର୍ଯ୍ୟ ଲୋକଲୋଚନକୁ ଆସିବ ବୋଲି ଅନେକେ ଦାବି କରୁଛନ୍ତି।

# ଆଇନ ସଚେତନତା ସଭା



ସଭାରେ ଯୋଗଦେଇଥିବା ବିଚାରପତି ଓ ଅନ୍ୟମାନେ।

ଯାଜପୁର ଟାଉନ,୧୭।୧୧ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)

ଯାଜପୁର ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଜିଲା ଦୌରାଜଜ୍ ତଥା ପ୍ରାଧିକରଣ ଅଧ୍ୟକ୍ଷ ଅମୃତ ରଞ୍ଜନ ନନ୍ଦଙ୍କ ନିର୍ଦ୍ଦେଶକ୍ରମେ ଦଶରଥପୁର ବ୍ଲକ୍ ଅନ୍ତର୍ଗତ ଲକ୍ଷ୍ମୀନାରାୟଣ ସେବା ପ୍ରତିଷ୍ଠାନରେ ଏକ ଆଇନ୍ ସଚେତନତା ସଭା ପ୍ରାଧିକରଣ ସଚିବ ନେହା ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଆଲୋଚକ ଭାବେ ଯାଜପୁର ସିଭିଲ୍ କୋର୍ଟ ରେଜିଷ୍ଟ୍ରାର ମାନସ ରଞ୍ଜନ ସାମନ୍ତରାୟ, ଦଶରଥପୁର ବିଡିଓ ଆକାଶ ପଟ୍ଟନାୟକ ଓ ପ୍ରାଧିକରଣ ପୂର୍ବତନ ସଦସ୍ୟ ଡ.ରୁଦ୍ରନାରାୟଣ ପୃଷ୍ଟି ପ୍ରମୁଖ ଯୋଗଦେଇଥିଲେ। ମା, ବାପା, ବରିଷ୍ଠ ନାଗରିକମାନଙ୍କ ଝିଅପୁଅ, ସମ୍ପର୍କୀୟ ଉତ୍ତରାଧିକାରୀମାନେ ସେମାନଙ୍କ ସେବା ଯତ୍ନ, ଦେଖାରଖା କିପରି କରିବେ ଓ ଏହି ଦାୟିତ୍ୱ ନିର୍ବାହ ନ କରିବାର ପରିଣତି ସହ ବରିଷ୍ଠ ନାଗରିକ ଆଇନ୍ ୨୦୦୭ର ବିଭିନ୍ନ ଦିଗକୁ ନେଇ ଆଲୋଚନା କରିଥିଲେ। ବରିଷ୍ଠ ନାଗରିକମାନେ କିପରି ମର୍ଯ୍ୟାଦାର ସହ ଜୀବନ ଧାରଣ କରିବେ ତାହା ସହ ସେମାନଙ୍କ ନିରାପତ୍ତା ଏବଂ ସବୁପ୍ରକାର ସହଯୋଗ ସେମାନଙ୍କୁ ମିଳିବ ସେନେଇ କେନ୍ଦ୍ର ଓ ରାଜ୍ୟ ସରକାର ତତ୍ପରତା ପ୍ରକାଶ କରୁଥିବା ବେଳେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସଜାଗ ଥିବା ନେଇ ବକ୍ତବ୍ୟରେ କହିବା ସହ ସେସବୁ ସୁବିଧା ନେବା ପାଇଁ ବରିଷ୍ଠମାନଙ୍କୁ ପରାମର୍ଶ ଦେଇଥିଲେ। ଉପସ୍ଥିତ ଥିବା କେତେଜଣ ବରିଷ୍ଠ ନାଗରିକ ସେମାନଙ୍କ ସମସ୍ୟା ସମ୍ପର୍କିତ ପ୍ରଶ୍ନ ପଚାରିଥିଲେ। ତାର ଯଥୋଚିତ ଉତ୍ତର ସଚିବ ଏବଂ ରେଜିଷ୍ଟ୍ରାର ରଖିଥିଲେ। ଲକ୍ଷ୍ମୀନାରାୟଣ ସେବା ପ୍ରତିଷ୍ଠାନ ସମ୍ପାଦକ ପରେଶ କୁମାର ମଲ୍ଲିକ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପ୍ରାଧିକରଣ ଓ ସେବା ପ୍ରତିଷ୍ଠାନର କର୍ମଚାରୀମାନେ ସହଯୋଗ କରିଥିଲେ।

# ତହସିଲ ପକ୍ଷରୁ ଜାତୀୟ ରାଜପଥ କଡ଼ ମାପ ଆରମ୍ଭ



ପ୍ରଶାସନ ପକ୍ଷରୁ ପାଣିକୋଇଲି ବଜାର ରାଜପଥ କଡ଼କୁ ମାପଚୁପ କରାଯାଉଛି।

■ ପାଣିକୋଇଲି ବଜାର ରାସ୍ତା ସମ୍ପ୍ରସାରଣ ହେବ
■ ବେଆଇନ ଘର ହେବ ଉଚ୍ଛେଦ

ପାଣିକୋଇଲି, ୧୭।୧୧(ବିକାଶ ଚନ୍ଦ୍ର ମଲ୍ଲିକ)

ଯାଜପୁର ଜିଲା ପାଣିକୋଇଲି ଥାନା ଅଞ୍ଚଳରେ ଦିନକୁ ଦିନ ଗାଡ଼ି ମୋଟର ସଂଖ୍ୟା ବୃଦ୍ଧି ପାଉଛି। ଫଳରେ ଟ୍ରାଫିକ୍ ସମସ୍ୟା ଦେଖାଦେଇଛି। ବଜାର ରାସ୍ତା ସମ୍ପ୍ରସାରଣ ହେବ। ଏହା ସମାଧାନ ପାଇଁ ପ୍ରଶାସନ ପକ୍ଷରୁ ଜାତୀୟ ରାଜପଥ କଡ଼କୁ ମାପଚୁପ ସୋମବାର ଆରମ୍ଭ ହୋଇଛି। ପରେ ଜବରଦଖଲରେ ଥିବା ଘର ଉଠାଦୋକାନଗୁଡ଼ିକ ଉଚ୍ଛେଦ କରାଯିବ ବୋଲି ପ୍ରଶାସନ ପକ୍ଷରୁ ଜଣାପଡିଛି।

ଏହି ଥାନା ଅନ୍ତର୍ଗତ ଜାତୀୟ ରାଜପଥର ନଂ. ୧୬ ଓ ନଂ. ୨୦ ମିଶ୍ରଣସ୍ଥଳୀ ପାଣିକୋଇଲି ବଜାର ମଧ୍ୟ ଦେଇ ପ୍ରତିଦିନ ବହୁ ହଜାର ଗାଡ଼ି ମୋଟର ଯିବା ଆସିବା କରୁଥିବାରୁ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି। ଏଥିଯୋଗୁ ଦୁର୍ଘଟଣା ଘଟି ବହୁ ଧନଜୀବନ ହାନି ଘଟୁଛି। ଏ ନେଇ ବାରମ୍ବାର ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଅକ୍ଟୋବର ୨୩ରେ ବିଧାୟକ ଆକାଶ ଦାସ ନାୟକ, ଯାଜପୁର ଜିଲାପାଳ ଅମ୍ବର କୁମାର କରଙ୍କ ସମେତ ବିଭିନ୍ନ ପ୍ରଶାସନିକ ଅଧିକାରୀ ପାଣିକୋଇଲି ବଜାର ପରିଦର୍ଶନ କରିଥିଲେ। ଯଥାଶୀଘ୍ର ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇ ରାସ୍ତା ସମ୍ପ୍ରସାରଣ କରାଯିବ ବୋଲି ଜିଲାପାଳ କର ସୂଚନା ଦେଇଥିଲେ। ଏ ନେଇ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ସୋମବାର ଉଭୟ ରାଜପଥର ପଥରପଦା ଓ ଅଲତିରି ମୌଜାର କଡ଼କୁ ରାଜପଥ ସମ୍ପ୍ରସାରଣ ପାଇଁ ମାପ କରାଯାଇ ସରକାରୀ ଜମି ଚିହ୍ନଟ ହେବ ବୋଲି ବ୍ୟାସନଗର ତହସିଲଦାର ସର୍ବସାଧାରଣ ନୋଟିସ କରିଥିଲେ। ଏ ନେଇ ତହସିଲଦାର ପ୍ରଶାନ୍ତ କୁମାର ପଣ୍ଡାଙ୍କ ସମେତ ଅତିରିକ୍ତ ତହସିଲଦାର ପ୍ରଶାନ୍ତ କୁମାର ପୁହାଣ, ରାଜପଥ ବିଭାଗର ରାଜସ୍ୱ ଅଧିକାରୀ ଶୈଳେନ୍ଦ୍ର ମହାନ୍ତି, ରାଜପଥ ବିଭାଗର ରାଜସ୍ୱ ନିରୀକ୍ଷକ ଗୋବିନ୍ଦ ସ୍ୱାଇଁ, ତହସିଲର ରାଜସ୍ୱ ସୁପରଭାଇଜର ଧନେଶ୍ୱର ସାହୁ, ପାଣିକୋଇଲି ରାଜସ୍ୱ ନିରୀକ୍ଷକ କାଟେ ପୂର୍ତ୍ତୀ, ଅମୀନ ବିକାଶ ରାଉତ, ଅକ୍ଷୟ ପାଢ଼ୀ ସମେତ ପାଣିକୋଇଲି ବଜାରର କଟକ ବସ୍‌ଷ୍ଟପ ପଟକୁ ମାପଚୁପ କରିଥିଲେ। ଆଇନ ଶୃଙ୍ଖଳା ରକ୍ଷା ପାଇଁ ଆଇଆଇସି ରଞ୍ଜିତ ମହାନ୍ତିଙ୍କ ନେତୃତ୍ୱରେ ଏଏସ୍ଆଇ ନିର୍ମଳ ରାଉତଙ୍କ ସମେତ ଏକ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲେ। ଅପରପକ୍ଷେ ମାପଚୁପ୍ ପରେ ବଜାରରେ ଦୋକାନ କରି ଗୁଜୁରାଣ ମେଣ୍ଟାଉଥିବା ଉଠାଦୋକାନୀମାନଙ୍କ ମଧ୍ୟରେ ଜୀବିକା ହରାଇବାର ଭୟ ଘାରିଛି। ଜବରଦଖଲରେ ଥିବା ଉଠାଦୋକାନୀମାନଙ୍କୁ ଉଚ୍ଛେଦ କରିବା ପୂର୍ବରୁ ସେମାନଙ୍କ ପାଇଁ ସ୍ଥାୟୀ ବନ୍ଦୋବସ୍ତ କରାଇବାକୁ ସାଧାରଣରେ ଦାବି ହୋଇଛି।

## ଚୋରା ଡିଜେଲ ଜବତ, ଜଣେ ଗିରଫ

ମାର୍ଶାଘାଇ,୧୭।୧୧(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ):

ମାର୍ଶାଘାଇ ପୋଲିସ ଜାତୀୟ ରାଜପଥ କୁସୁନପୁର ଛକରେ ଥିବା ଏକ କ୍ୟାବିନରେ ସୋମବାର ଚଢ଼ାଉ କରି ୧୦୦ ଲିଟର ଚୋରା ଡିଜେଲ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି । ଗିରଫ ବ୍ୟକ୍ତି ହେଲେ କୁସୁନପୁର ଗ୍ରାମର ଗୀରିଶ ଚନ୍ଦ୍ର ନାୟକ (୩୬) । ସେ ଦୀର୍ଘ ଦିନ ଧରି ପାରାଦ୍ୱୀପରୁ ଆସୁଥିବା ଟ୍ୟାଙ୍କରରୁ ଚୋରାରେ ତେଲ ରଖି ବେପାର କରୁଥିଲେ । ନଂ.୩୫୧/୨୫ରେ ମାମଲା ରୁଜୁ କରାଯାଇ ତାଙ୍କୁ ଗିରଫ କରାଯାଇଥିବା ପୋଲିସ ସୂତ୍ରରୁ ପ୍ରକାଶ ।

# ବରିଷ୍ଠ ନାଗରିକଙ୍କ ସଚେତନତା ଶିବିର

## ଯାଜପୁରରୋଡ ତାଲୁକ ଆଇନ ସେବା କମିଟି

ଯାଜପୁରରୋଡ୍,୧୭।୧୧(ପବିତ୍ର ରଞ୍ଜନ ମହାନ୍ତି)


ଶିବିରରେ ଯୋଗଦେଇଥିବା ବରିଷ୍ଠ ନାଗରିକ ଓ ବିଚାରପତି।

ଯାଜପୁରରୋଡ ତାଲୁକ ଆଇନ ସେବା କମିଟି ପକ୍ଷରୁ ସ୍ଥାନୀୟ ବରିଷ୍ଠ ନାଗରିକ ମଞ୍ଚ କାର୍ଯ୍ୟାଳୟଠାରେ ସବ୍‌ଜଜ ତଥା କମିଟିର ଅଧ୍ୟକ୍ଷ ଦିବ୍ୟ ରଞ୍ଜନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ବରିଷ୍ଠ ନାଗରିକମାନଙ୍କୁ ନେଇ ସଚେତନତା ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଜଜ୍‌ମହାପାତ୍ର ଶିବିରରେ ଅଂଶଗ୍ରହଣ କରିଥିବା ବୃଦ୍ଧାବୃଦ୍ଧମାନଙ୍କୁ ଆଇନ ମଧ୍ୟରେ ଥିବା ପ୍ରାବଧାନ, ମାଗଣା ସେବା ତଥା ୨୦୧୭ରେ ରକ୍ଷଣାବେକ୍ଷଣ ଉପରେ ନିଜର ଅଧିକାର ଓ ଧାରା ୨୧ରେ ସମ୍ମାନର ସହ ବଞ୍ଚିବାର ଅଧିକାର ଉପରେ ଧ୍ୟାନ ଦେବାକୁ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ନାରାୟଣ ପ୍ରସାଦ ପତି, ଶ୍ରମିକ ନେତା ବିଦ୍ୟାଧର ମହାନ୍ତି, ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ଚନ୍ଦ୍ରମଣି ସାମଲ, ଆଇନଜୀବୀ ସରୋଜ କୁମାର ପଣ୍ଡା, ମାନସ ରଞ୍ଜନ ଗୋସ୍ୱାମୀ, ରାମଚନ୍ଦ୍ର ପତି ଓ ଡା. ଗୌରୀଶଙ୍କର ଷଡ଼ଙ୍ଗୀ ପ୍ରମୁଖ ଆୟୋଜିତ ଶିବିରରେ ଉଦ୍‌ବୋଧନ ଦେଇଥିଲେ। ପରିବାର ମଧ୍ୟରେ ଥିବା ବିବାଦ ଓ ସମାଜରେ ବରିଷ୍ଠ ନାଗରିକମାନଙ୍କ ପାଇଁ ଥିବା ସମସ୍ତ ଆଇନ ସେବା ପାଇଁ ସହାୟତା ତାଲୁକ ସେବା ଉପଲବ୍ଧ ବୋଲି ବକ୍ତାମାନେ ପ୍ରକାଶ କରିଥିଲେ।

# ୬ ଶ୍ରେଣୀ ପାଇଁ ୨ ଶିକ୍ଷକ, ପାଠ ପଢ଼ାରେ ବାଧା

## ଅକବରାବାଦ ପ୍ରାଥମିକ ବିଦ୍ୟାଳୟ

ଚଣ୍ଡିଖୋଲ, ୧୭।୧୧(ପ୍ରଦୀପ୍ତ କୁମାର ପୃଷ୍ଟି)

ସରକାରଙ୍କ ପକ୍ଷରୁ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ଶିକ୍ଷକ ଅଭାବ ରହିବ ନାହିଁ ବୋଲି ଘୋଷଣା କରାଯାଇଛି। ହେଲେ ଶିକ୍ଷକ ଅଭାବ ପାଇଁ ପାଠ ପଢ଼ାରେ ଗୁରୁତର ବ୍ୟାହତ ହେବା ଘଟଣା ଦେଖିବାକୁ ମିଳିଛି। ବଡ଼ଚଣା ଶିକ୍ଷା ମଣ୍ଡଳ ଅଧୀନରେ ଥିବା ଭୁଷଣ୍ଡପୁର ପଞ୍ଚାୟତ ଅନ୍ତର୍ଗତ ଅକବରାବାଦ ପ୍ରାଥମିକ ବିଦ୍ୟାଳୟ କ୍ଷେତ୍ରରେ। ୨ ଜଣ ଶିକ୍ଷକ ୬ଟି ଶ୍ରେଣୀରେ ପାଠ ପଢ଼ାଇବାରେ ସମସ୍ୟା ସୃଷ୍ଟି ହେଉଥିବା ଅଭିଭାବକ ଅଭିଯୋଗ କରିଛନ୍ତି।

ସୂଚନା ମୁତାବକ, ଏହି ବିଦ୍ୟାଳୟରେ ଶିଶୁ ବାଟିକା ସହ ୫ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନେ ପାଠ ପଢୁଛନ୍ତି। ଏହି ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସଂଖ୍ୟା ୭୬। ଏଠାରେ ଜଣେ ପ୍ରଧାନ ଶିକ୍ଷୟିତ୍ରୀ ଓ ଜଣେ ସହକାରୀ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ତେବେ ଶିକ୍ଷକ ଅଭାବରୁ ଶିଶୁ ବାଟିକା ସହ ୩ୟ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କୁ ଗୋଟିଏ କୋଠରିରେ ବସାଯାଇ ଜଣେ ଶିକ୍ଷକ ପାଠ ପଢ଼ାଉଥିବା ବେଳେ ଅନ୍ୟ ଜଣେ ଶିକ୍ଷକ ୪ର୍ଥ ଓ ୫ମ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ଅନ୍ୟ ଏକ କୋଠରିରେ ବସାଇ ପଢାଉଛନ୍ତି। ଫଳରେ ଶିକ୍ଷାଦାନ କ୍ଷେତ୍ରରେ ସମସ୍ୟା ସୃଷ୍ଟି ହେଉଛି। ଅପରପକ୍ଷରେ ପ୍ରଧାନ ଶିକ୍ଷୟିତ୍ରୀ ବିଦ୍ୟାଳୟ ସମ୍ପର୍କିତ ବିଭିନ୍ନ କାର୍ଯ୍ୟ ପାଇଁ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟାଳୟ କିମ୍ବା ଅନ୍ୟ କାର୍ଯ୍ୟ ପାଇଁ ଯାଉଥିବା ସମୟରେ ଏଠାରେ ଶିକ୍ଷାଦାନରେ ବାଧା ସୃଷ୍ଟି ହୋଇଥାଏ। ଅନ୍ୟ ଏକ ସୂଚନା ମୁତାବକ ଏଠାରେ କାର୍ଯ୍ୟରତ ଥିବା ପ୍ରଧାନ ଶିକ୍ଷୟିତ୍ରୀ ଆଉ ମାତ୍ର ୪ ମାସ ପରେ ଅବସରଗ୍ରହଣ କରିବେ। ତେଣୁ ତୁରନ୍ତ ଏହି ବିଦ୍ୟାଳୟ ପାଇଁ ଆବଶ୍ୟକ ସଂଖ୍ୟକ ଶିକ୍ଷକ ଯୋଗାଇ ଦେବାକୁ ଅଭିଭାବକ ମହଲରୁ ଦାବି କରାଯାଇଛି। ତୁରନ୍ତ ଶିକ୍ଷକ ନିଯୁକ୍ତି ପାଇଁ ଗ୍ରାମବାସୀ ଦାବି କରିଛନ୍ତି।


# ଓଡ଼ିଶା ସରକାର
# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

## ଅଧିସୂଚନା

**No.RDM-LAB-GM-0021-2025-19066/ R&DM,** **Dated: 27 MAY 2025**

No.XII-16: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ଗଞ୍ଜାମ ଜିଲ୍ଲାରେ ଛେଳିଗଡ଼ ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ ସରକାରୀ ବ୍ୟୟରେ ମୌଜା: **ସୁନ୍ଦରପୁର**, ଥାନା: ପାଟପୁର, ତହସିଲ: ସାନଖେମୁଣ୍ଡି, ଜିଲ୍ଲା: ଗଞ୍ଜାମରେ ନିମ୍ନ ତଫସିଲ ମତେ ପ୍ରାୟ ଏ.୫.୦୫୬ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି । ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି । ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ। ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

### ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧. **ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ** – ଛେଳିଗଡ଼ ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ । ୨. **ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ** – ଅଧିକ୍ଷଣ ଯନ୍ତ୍ରୀ, ଛେଳିଗଡ଼ କେନାଲ ବିଭାଜନ, ଦିଗପହଣ୍ଡି, ଗଞ୍ଜାମ। ୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ– ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା। (ଉକ୍ତ ପ୍ରକଳ୍ପ ଯୋଗୁଁ କୌଣସି ଲୋକ ବିସ୍ଥାପିତ ହେଉନାହାନ୍ତି) । ୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ– ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଘୋଷଣାନାମା ସଂଖ୍ୟା ୩୪୮୮୪ ତାରିଖ ୦୮.୧୦.୨୦୨୪ ପ୍ରକାରେ ଭୂମି ଅଧିଗ୍ରହଣ ନିମନ୍ତେ ୮(୨) ଧାରାରେ ଅନୁମୋଦନ ହୋଇଅଛି । ୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ– ଉପଜିଲ୍ଲାପାଳ, ବ୍ରହ୍ମପୁର, ଗଞ୍ଜାମ । ୬. ଜମିର ବିବରଣୀ–

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ଗଞ୍ଜାମ | ସାନଖେମୁଣ୍ଡି | ସୁନ୍ଦରପୁର | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏ.୬.୩୯୧ | ଏ ୫.୦୫୬ | ଏଥିସହିତ ସଂଲଗ୍ନ |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ.୨.୮୨୫ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ ।

ଉକ୍ତ ଭୂମିର ଏକ ନକ୍ସା ଜିଲ୍ଲାପାଳ, ଗଞ୍ଜାମ ଓ ସ୍ୱତନ୍ତ୍ର ଭୂ-ଅର୍ଜନ ତଥା ଥଇଥାନ ଓ ପୁନର୍ବସତି ଅଧିକାରୀ, (ମଧ୍ୟମ ଜଳସେଚନ ପ୍ରକଳ୍ପ), ମହେନ୍ଦ୍ରଗଡଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ । ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି **ଜିଲ୍ଲାପାଳ, ଗଞ୍ଜାମଙ୍କ** ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./– (ମଧୁସ୍ମିତା ସାହୁ),**
**ଅତିରିକ୍ତ ଶାସନ ସଚିବ**

### ସୁନ୍ଦରପୁର ଗ୍ରାମର ଜମିର ବିବରଣୀ
### ମୌଜା–ସୁନ୍ଦରପୁର, ତହସିଲ–ସାନଖେମୁଣ୍ଡି, ଜିଲ୍ଲା–ଗଞ୍ଜାମ

| କ୍ରମିକ ସଂଖ୍ୟା | ଖାତା ନଂ | ପ୍ଲଟ ନଂ | କିସମ | ମୋଟ ରକବା (ଏକର) | ଅଧିଗ୍ରହଣ ହେବାକୁ ଥିବା ରକବା (ଏକର) | ରୟତଙ୍କ ନାମ | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୧ | ୧୦୧ | ୧୬୩୪ | ବିଲ ଜଳସେଚିତ ଏକ ଫସଲି | ୦.୧୭୦ | ୦.୧୭୦ | ଦଣ୍ଡିଆ ପ୍ରଧାନ, ପି:ମଙ୍ଗୁଲୁ ପ୍ରଧାନ, ଚୈତନ ପ୍ରଧାନ, ଦୁର୍ଲଭ ପ୍ରଧାନ, ପି:ହାଡୁ ପ୍ରଧାନ, ଗୁଣ୍ଡିଚା ପ୍ରଧାନ, ପି:ଲକ୍ଷ୍ମଣ ପ୍ରଧାନ, ଜା:କୁରୁମ, ବା:ତୁଣ୍ଡୁରା | କେନାଲ ସକାସେ= ୦.୦୪୦, ଗୋଚର ପ୍ରତି ବଦଳ=୦.୧୩୦ |
| ୨ | ୧୦୯ | ୧୬୪୬ | ବିଲ ଜଳସେଚିତ ଏକ ଫସଲି | ୦.୦୪୫ | ୦.୦୦୫ | ନଟିଆ ପ୍ରଧାନ, ପି:ଦଣ୍ଡପାଣି ପ୍ରଧାନ, ଜା:କୁରୁମ, ବା:ତୁଣ୍ଡୁରା | |
| | | ୧୬୪୭ | | ୦.୦୩୦ | ୦.୦୦୫ | | |
| | | ୧୬୯୭ | | ୦.୦୯୦ | ୦.୦୯୦ | | କେନାଲ ସକାସେ=୦.୦୪୦, ଗୋଚର ପ୍ରତି ବଦଳ=୦.୦୪୦ |
| | | ୧୬୯୮ | | ୦.୦୯୦ | ୦.୦୯୦ | | କେନାଲ ସକାସେ=୦.୦୭୦, ଗୋଚର ପ୍ରତି ବଦଳ=୦.୦୨୦ |
| ୩ | ୧୧ | ୧୬୩୩ | ବିଲ ଅଣ ଜଳସେଚିତ ଦୁଇ | ୦.୧୫୦ | ୦.୧୫୦ | ଆନନ୍ଦ ପ୍ରଧାନ, ପି:ଅର୍ଜୁନ ପ୍ରଧାନ, ବାଉରାଣୀ ପ୍ରଧାନ, ସ୍ୱା:ଅର୍ଜୁନ ପ୍ରଧାନ, ଜା:କୁରୁମ, ବା:ତୁଣ୍ଡୁରା | କେନାଲ ସକାସେ=୦.୧୦୦, ଗୋଚର ପ୍ରତି ବଦଳ=୦.୦୫୦ |
| ୪ | ୧୪୯ | ୧୭୬୫ | ବିଲ ଜଳସେଚିତ ଏକ ଫସଲି | ୦.୧୬୦ | ୦.୧୬୦ | ଭାସ୍କର ପ୍ରଧାନ, ପି:ବାପାଣି ପ୍ରଧାନ, ଜା:କୁରୁମ, ବା:ନିଜଗାଁ | କେନାଲ ସକାସେ=୦.୦୩୦, ଗୋଚର ପ୍ରତି ବଦଳ=୦.୧୩୦ |
| ୫ | ୧୭୯ | ୧୬୩୧ | ବିଲ ଜଳସେଚିତ ଏକ ଫସଲି | ୦.୨୦୮ | ୦.୨୦୮ | ରାଜେନ୍ଦ୍ର ପ୍ରଧାନ, ସୁରେନ୍ଦ୍ର ପ୍ରଧାନ, ଜ୍ୟୋସ୍ନା ପ୍ରଧାନ, ପି:କହ୍ନେଇ ପ୍ରଧାନ, ଝୁମ୍ପା ପ୍ରଧାନ, ସ୍ୱା:କହ୍ନେଇ ପ୍ରଧାନ, ଜା:କୁରୁମ, ବା:ତୁଣ୍ଡୁରା | କେନାଲ ସକାସେ=୦.୧୦୮, ଗୋଚର ପ୍ରତି ବଦଳ=୦.୧୦୦ |
| | | ୧୭୦୧ | | ୦.୩୦୫ | ୦.୩୦୫ | | କେନାଲ ସକାସେ=୦.୦୨୦, ଗୋଚର ପ୍ରତି ବଦଳ=୦.୨୮୦ |
| ୬ | ୧୯୩ | ୧୬୭୦ | ବିଲ ଜଳସେଚିତ ଏକ ଫସଲି | ୦.୪୬୦ | ୦.୪୬୦ | ଶାନ୍ତି ପ୍ରଧାନ, ପି:ଖଲି ପ୍ରଧାନ, ଜା:କୁରୁମ, ବା:ତୁଣ୍ଡୁରା | କେନାଲ ସକାସେ=୦.୨୯୦, ଗୋଚର ପ୍ରତି ବଦଳ=୦.୧୭୦ |
| ୭ | ୧୯୪ | ୧୭୬୧ | ବିଲ ଜଳସେଚିତ ଏକ ଫସଲି | ୦.୩୨୦ | ୦.୦୧୦ | ଶାନ୍ତି ପ୍ରଧାନ, ସ୍ୱା:ଦାମ ପ୍ରଧାନ, ଜା:କୁରୁମ,ବା:ତୁଣ୍ଡୁରା | |
| ୮ | ୨୦୬/ ୫୨ | ୧୬୩୦ | ବିଲ ଅଣ ଜଳସେଚିତ ଦୁଇ | ୦.୨୭୦ | ୦.୨୭୦ | କୃଷ୍ଣଚନ୍ଦ୍ର ପ୍ରଧାନ, ପି: ନଟବର ପ୍ରଧାନ, ଜା:କୁରୁମ, ବା:ତୁଣ୍ଡୁରା | ଗୋଚର ପ୍ରତି ବଦଳ= ୦.୧୭୦ |
| | | ୧୬୩୨ | ବିଲ ଜଳସେଚିତ ଏକ ଫସଲି | ୦.୧୯୦ | ୦.୧୯୦ | | କେନାଲ ସକାସେ=୦.୧୬୦, ଗୋଚର ପ୍ରତି ବଦଳ=୦.୦୮୦ |
| ୯ | ୨୮ | ୧୬୭୧ | ବିଲ ଜଳସେଚିତ ଏକ ଫସଲି | ୦.୩୨୫ | ୦.୩୨୫ | ଉଲା ପାତ୍ର, ପି:ବେଣିଆ ପାତ୍ର, ଜା:କୁରୁମ, ବା: ନିଜଗାଁ | କେନାଲ ସକାସେ=୦.୨୦୦, ଗୋଚର ପ୍ରତି ବଦଳ=୦.୧୨୫ |
| | | ୪୭୭ | | ୦.୨୭୫ | ୦.୦୪୦ | | |
| | | ୪୯୦ | | ୦.୧୯୦ | ୦.୦୧୦ | | |
| ୧୦ | ୩୪ | ୧୬୯୪ | ବିଲ ଜଳସେଚିତ ଏକ ଫସଲି | ୦.୧୧୦ | ୦.୧୧୦ | କପିଳ ପ୍ରଧାନ, ପି:ସାହେବ ପ୍ରଧାନ, ଜା:କୁରୁମ,ବା:ତୁଣ୍ଡୁରା | |
| ୧୧ | ୪୭ | ୧୬୬୯ | ବିଲ ଜଳସେଚିତ ଏକ ଫସଲି | ୦.୧୫୮ | ୦.୧୫୮ | କେଦାର ନାଥ ପ୍ରଧାନ, ପି:ଅର୍ଜୁନ ପ୍ରଧାନ, ଜା:କୁରୁମ, ବା:ତୁଣ୍ଡୁରା | |
| | | ୧୭୬୬ | | ୧.୧୬୫ | ୧.୧୬୫ | | କେନାଲ ସକାସେ=୦.୧୯୦, ଗୋଚର ପ୍ରତି ବଦଳ=୦.୯୭୫ |
| | | ୧୭୬୮ | | ୦.୩୪୦ | ୦.୩୪୦ | | କେନାଲ ସକାସେ=୦.୧୭୦, ଗୋଚର ପ୍ରତି ବଦଳ=୦.୧୭୦ |
| | | ୫୦୩ | | ୦.୨୬୫ | ୦.୦୪୦ | | |
| ୧୨ | ୬୨ | ୧୭୦୦ | ବିଲ ଜଳସେଚିତ ଏକ ଫସଲି | ୦.୪୩୦ | ୦.୪୩୦ | ଖଲି ପ୍ରଧାନ, ପି:ବାଲାଜି ପ୍ରଧାନ, ଜା:କୁରୁମ, ବା:ତୁଣ୍ଡୁରା | କେନାଲ ସକାସେ=୦.୧୯୦, ଗୋଚର ପ୍ରତି ବଦଳ=୦.୨୫୦ |
| ୧୩ | ୮୯ | ୧୬୬୮ | ବିଲ ଜଳସେଚିତ ଏକ ଫସଲି | ୦.୧୨୦ | ୦.୦୭୦ | ତ୍ରିନାଥ ନାୟକ, ତବଡିଆ ନାୟକ, ଲକ୍ଷ୍ମୀ ନାୟକ, ପି:ଉଜଳ ନାୟକ, ଜା:କୁରୁମ, ବା:ନିଜଗାଁ | |
| | | ୪୯୧ | | ୦.୨୯୦ | ୦.୦୪୦ | | |
| ୧୪ | ୯୭ | ୧୭୬୪ | ବିଲ ଜଳସେଚିତ ଏକ ଫସଲି | ୦.୧୩୫ | ୦.୧୩୫ | ଦଣ୍ଡପାଣି ପ୍ରଧାନ, ପି:ବାପାଣି ପ୍ରଧାନ, ଜା:କୁରୁମ, ବା:ତୁଣ୍ଡୁରା | କେନାଲ ସକାସେ=୦.୦୨୦, ଗୋଚର ପ୍ରତି ବଦଳ=୦.୧୧୫ |
| ୧୫ | ୩୧ | ୧୬୯୯ | ବିଲ ଜଳସେଚିତ ଏକ ଫସଲି | ୦.୦୭୦ | ୦.୦୭୦ | ଉଲା ପ୍ରଧାନ, ପି:ଦଣ୍ଡପାଣି ପ୍ରଧାନ, ଜା:କୁରୁମ, ବା:ତୁଣ୍ଡୁରା | କେନାଲ ସକାସେ=୦.୦୫୦, ଗୋଚର ପ୍ରତି ବଦଳ=୦.୦୨୦ |
| ୧୬ | ୫ | ୧୬୪୫ | ବିଲ ଜଳସେଚିତ ଏକ ଫସଲି | ୦.୦୩୦ | ୦.୦୧୦ | ଅନି ପ୍ରଧାନ, ସ୍ୱା:କପିଳ ପ୍ରଧାନ, ଜା:କୁରୁମ, ବା:ନିଜଗାଁ | |
| ମୋଟ = ୫.୦୫୬ ଏକର | | | | | | | |

OIPR- **Sd./- Spl.L.A.Cum-R&R.O(M.I.P.), Mahendragada, (Gajapati)**

## ସଂକ୍ଷେପରେ

### କାର୍ଯ୍ୟାନୁଷ୍ଠାନ ପାଇଁ ତହସିଲଦାରଙ୍କୁ ଏବିଭିପିର ଦାବିପତ୍ର
**ସମୁଦ୍ର ବିକ୍ରି ଘଟଣା**

ରାଜନଗର,୧୭।୧୧(ଭାସ୍କର ରାଉତରାୟ)

କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ସଲଗ୍ନ ସମୁଦ୍ର ଓ ବେଳାଭୂମିକୁ ସରକାରୀସ୍ତରରେ ଦଲିଲକରି ରାଜ୍ୟ ବାହାର ସୂର୍ଯ୍ୟୋଦୟ ଲିମିଟେଡ ହାତରେ ଟେକି ଦିଆଯିବା ଘଟଣା ରାଜ୍ୟର ଏକମାତ୍ର ସାମୁଦ୍ରିକ ଅଭୟାରଣ୍ୟର ଭବିଷ୍ୟତ ନେଇ ଆଶଙ୍କା ସୃଷ୍ଟି ହୋଇଛି। କେବଳ ରାଜ୍ୟ ବାହାର କମ୍ପାନୀ ନୁହେଁ, ରାଜ୍ୟର କେତେକ କମ୍ପାନୀ ଶହ ଶହ ଏକର ସମୁଦ୍ର ଓ ବେଳାଭୂମିକୁ କିଣି ନେଇଛନ୍ତି। ଭୁବନେଶ୍ୱର, କଟକ ଓ ପାରାଦୀପରେ ଥିବା ସୂର୍ଯ୍ୟୋଦୟ ଲିମିଟେଡ ୩୦୦ ଏକର ସମୁଦ୍ର ଓ ବେଳାଭୂମିକୁ କିଣି ନେଇଛି। ସମ୍ବେଦନଶୀଳ ଅଞ୍ଚଳରେ କିପରି କମ୍ପାନୀଗୁଡିକ ସମୁଦ୍ରକୁ କିଣିନେଲେ ସେ ନେଇ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବା ସହିତ ଜମିକୁ ସରକାରୀ ଖାତାକୁ ଫେରାଇ ଆଣିବାକୁ ସୋମବାର ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ରାଜନଗର ତହସିଲଦାର ଯୀଶୁକୃଷ୍ଣ ଦାସଙ୍କୁ ଦାବିପତ୍ର ଦିଆଯାଇଛି। ପରିଷଦ ନଗର ସମ୍ପାଦକ ସୁକୁମାର ମାନ୍ନା, ଆକାଂକ୍ଷା ରାଉତ, ଶୁଭଲକ୍ଷ୍ମୀ ଭଳ, ଶୁଭଶ୍ରୀ ବାଗ, ସିଦ୍ଧାନ୍ତ ସାହୁ, ସୁରେନ୍ଦ୍ର ପରିଡା, ହିମାଂଶୁ ଓଝା, ଅବିନାଶ କୁଣ୍ଡ, ସୁମିତ୍ରା ଦାସ, ବିବେକାନନ୍ଦ ଦାସ, ସତ୍ୟନାରାୟଣ ସ୍ୱାଇଁ, ଭାଗୀରଥି ମଣ୍ଡଲ, ଓମ୍ ମହାରଣା ଓ ଅଭିଷେକ ପରିଡା ପ୍ରମୁଖ ତହସିଲଦାରଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି।

### ଅଗ୍ନି ବିପନ୍ନ ପରିବାରକୁ କଂଗ୍ରେସର ସହାୟତା

ରାଜନଗର,୧୭।୧୧(ଭାସ୍କର ରାଉତରାୟ)

ରାଜନଗର ବ୍ଲକ କଣ୍ଡିରା ପଞ୍ଚାୟତ ହଂସୁଆ ଗୁଳା ଗାଁରେ ଗତ ଶନିବାର ରାତିରେ ଅଗ୍ନିକାଣ୍ଡ ଘଟି ୩ ପରିବାରର ଘରପୋଡି ପାଉଁଶ ହୋଇଯାଇଥିଲା। ଫକୀର ବିଶ୍ୱାଳ, ଘନଶ୍ୟାମ ବିଶ୍ୱାଳ ଓ ପବିତ୍ର ବିଶ୍ୱାଳଙ୍କର ୧୦ ବଖରା ସହିତ ପ୍ରାୟ ୨୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଆସବାସପତ୍ର ପୋଡି ପାଉଁଶ ହୋଇଯାଇଛି। ସୋମବାର ବିପନ୍ନ ପରିବାରଙ୍କୁ ରାଜନଗର ନିର୍ବାଚନମଣ୍ଡଳୀ କଂଗ୍ରେସ ଯୁବ ନେତା ପ୍ରଶାନ୍ତ କୁମାର ରାଉତ ଶୁଖିଲା ଖାଦ୍ୟ ଓ ପଲିଥିନ୍ ପ୍ରଦାନ କରିବା ସହ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଜିଲାପାଳଙ୍କ ସହ ଆଲୋଚନା କରିଥିଲେ। ରାଉତଙ୍କ ସହିତ ବରିଷ୍ଠ କଂଗ୍ରେସ ନେତା ଦାମୋଦର ବିଶ୍ୱାଳ, ନାରାୟଣ ଦାସ, ଯୁବ ନେତା ବିକାଶ ସେଠୀ, ପ୍ରକାଶ ସେଠୀ, ସମାଜିକକର୍ମୀ ଦୀନବନ୍ଧୁ ନାୟକ ଓ ସୁଶିଲ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଜନପ୍ରତିନିଧିଙ୍କ ଧାରଣା

- ପଟ୍ଟାମୁଣ୍ଡାଇ ବିଡିଓଙ୍କ ମନମୁଖି କାର୍ଯ୍ୟକୁ ବିରୋଧ
- ଆଲୋକୀକରଣ ହୋଇଥିବା ଲିଖିତ ଭାବେ ଦେବାରୁ ଧାରଣା ପ୍ରତ୍ୟାହୃତ

ପଟ୍ଟାମୁଣ୍ଡାଇ, ୧୭।୧୧ (କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବିଡିଓଙ୍କ ମନମୁଖି କାର୍ଯ୍ୟ ବିରୋଧରେ ସୋମବାର ବ୍ଲକକାର୍ଯ୍ୟାଳୟ ସମ୍ମୁଖରେ ଶାସନ ପଞ୍ଚାୟତ ଜନପ୍ରତିନିଧିଙ୍କ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଧାରଣା ଦିଆଯାଇଛି। ଏ ସମ୍ପର୍କରେ ଜିଲାପାଳ ଅବଗତ ହେବା ପରେ ସନ୍ଧ୍ୟାରେ ଆଡିଶନାଲ ପିଡି ଶୁଭମ ପଣ୍ଡା ଘଟଣାସ୍ଥଳରେ ପହଞ୍ଚି ଧାରଣାରତ ଜନ ପ୍ରତିନିଧିଙ୍କ ସହ ଦୀର୍ଘ ସମୟ ଆଲୋଚନା କରିଥିଲେ। ବିଡିଓ ରାତି ୮ଟାରେ ଶାସନ ପଞ୍ଚାୟତ ପୋଖରୀସାହି ଗ୍ରାମରୁ ମାଳିପୁର ବଜାର ପର୍ଯ୍ୟନ୍ତ ୪୭ଟି ଲାଇଟ ଲାଗିଛି ବୋଲି ଲିଖିତ ଭାବେ ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ସୂଚନାଯୋଗ୍ୟ, ଶାସନ ପଞ୍ଚାୟତର ଆଲୋକୀକରଣ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ହୋଇଥିବା ନେଇ ବାରମ୍ବାର ଅଭିଯୋଗ ହୋଇଆସୁଥିଲା। ଏ ନେଇ ଭିଜିଲାନ୍ସ ତଦନ୍ତ ପରିସର ଭୁକ୍ତ ହୋଇ ଅଲୋକୀକରଣ ବ୍ୟବସ୍ଥା ନିମନ୍ତେ ତଦନ୍ତ ପ୍ରକ୍ରିୟା ଜାରି ରହିଛି। ମାତ୍ର ସୂଚନା ଅଧିକାର ଆଇନ ବଳରେ ୯ ଲକ୍ଷ ୭୦ ହଜାର ଟଙ୍କାରେ ଉକ୍ତ ସ୍ଥାନରେ ଆଲୋକୀକରଣ ହୋଇଥିବା ବ୍ଲକ୍ ପ୍ରଶାସନ ଦର୍ଶାଇଥିଲେ। ଯାହାକୁ ନେଇ ଗତ ୪ ତାରିଖ ଅଭିଯୋଗକାରୀ ପଞ୍ଚାୟତର ଯୁବକମାନେ ବ୍ଲକ



ବ୍ଲକ କାର୍ଯ୍ୟାଳୟ ଆଗରେ ଲୋକେ ଧାରଣାରେ ବସିଛନ୍ତି।

ସମ୍ମୁଖରେ ଆମରଣ ଅନଶନରେ ବସିଥିଲେ। ମାତ୍ର ବିଡିଓ କୌଣସି ଅଫିସ କାର୍ଯ୍ୟରେ ବାହାରେ ଥିବା ବେଳେ ପଟ୍ଟାମୁଣ୍ଡାଇ ଅତିରିକ୍ତ ତହସିଲଦାର ଦିଲୀପ ନାଏକ, ଏବିଡିଓ ନନ୍ଦିନୀ ଶତପଥୀ ଅନଶନକାରୀଙ୍କୁ ବୁଝାଶୁଝା କରିଥିଲେ। ମାତ୍ର ଯେପର୍ଯ୍ୟନ୍ତ ଉକ୍ତ ସ୍ଥାନରେ ଲାଇଟ ନ ଲଗାଯାଇଛି ସେ ପର୍ଯ୍ୟନ୍ତ ଅନଶନ ଅବ୍ୟାହତ ରହିବ ବୋଲି ଅନଶନକାରୀମାନେ କହିଥିଲେ। ହେଲେ ସନ୍ଧ୍ୟାରେ ବିଡିଓ ଶୀତଲ ଅଗ୍ରୱାଲା ଅନଶନକାରୀଙ୍କ ପାଖରେ ପହଞ୍ଚି ନିଜ କାର୍ଯ୍ୟାଳୟରେ ସେମାନଙ୍କ ସହ ଆଲୋଚନା କରି ସେଠାରେ ୩ ମାସ ଭିତରେ ଲାଇଟ ଲଗାଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦେବା ପରେ ଅନଶନ ପ୍ରତ୍ୟାହୃତ ହୋଇଥିଲା। ମାତ୍ର ଉକ୍ତ ଅଲୋକୀକରଣ ଘଟଣା ଭିଜିଲାନ୍ସ ତଦନ୍ତ ପରିସର ଭୁକ୍ତ ଥିଲା ବେଳେ ବିଡିଓଙ୍କ ଏପରି ମନମୁଖି କାର୍ଯ୍ୟକଳାପକୁ ଶାସନ ପଞ୍ଚାୟତ ଜନପ୍ରତିନିଧିଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏ ନେଇ କିଛିଦିନ ପୂର୍ବରୁ ସରପଞ୍ଚଙ୍କ ସମେତ ୱାର୍ଡର ଜନପ୍ରତିନିଧିମାନେ ବିଡିଓଙ୍କୁ ଦେଖା କରି ସମସ୍ତ ବିଷୟରେ ଅବଗତ କରିଥିଲେ। ତଦନ୍ତ ପରେ ଘଟଣା ସମ୍ପର୍କରେ କ'ଣ କରାଯାଇପାରିବ ବୋଲି ବିଡିଓ ସେମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ତେବେ ଦିନ ପରେ ଦିନ ଗଡି ଚାଲିଥିବା ବେଳେ ଘଟଣା ସମ୍ପର୍କରେ ବିଡିଓ ସେପରି କିଛି ନ କରିବାରୁ ସୋମବାର ଶାସନ ସରପଞ୍ଚ ସଂଗ୍ରାମ କେଶରୀ ବାରିକ, ସମିତିସଭ୍ୟ ଡଲି ପରିଡା, ୧୮ ନଂ. ଜୋନ ଜିଲାପରିଷଦ ସଭ୍ୟ ରଶ୍ମୀ ମଲିକ, ନାଏବ ସରପଞ୍ଚ ଶାନ୍ତିଲତା ଦାସ, ୱାର୍ଡ ସଭ୍ୟ ବିଚିତ୍ର ମଲିକ, ରଶ୍ମିତା ସେନାପତି, କବିରାଜ ମଲିକ, ମାମିନା ମଲିକ, ଜାନକୀ ମଲିକ, ମମତା ପ୍ରଧାନ, ଭରତ ମଲିକ, ମମତା ବରିକଙ୍କ ସମେତ ବିଲିକଣା ସରପଞ୍ଚ ଲକ୍ଷ୍ମୀପ୍ରିୟା ଷଡଙ୍ଗୀ, ବଳଭଦ୍ରପୁର ସରପଞ୍ଚ ପ୍ରିୟବ୍ରତ ଓଝା, ବଡମୂଳବସନ୍ତ ସରପଞ୍ଚ ସନ୍ତୋଷ ସେଠୀ ପ୍ରମୁଖ ପୂର୍ବାହ୍ନ ୧୧ଟାରେ ବିଡିଓଙ୍କୁ ଭେଟି ଅଲୋକୀକରଣ ଘଟଣା ତଦନ୍ତ ସମ୍ପର୍କରେ ପଚାରିବା ସହିତ ପୂର୍ବ ପ୍ରତିଶ୍ରୁତି ଅନୁଯାୟୀ ଲିଖିତ ଭାବେ ଦେବାକୁ କହିଥିଲେ। ମାତ୍ର ବିଡିଓ ଅପରାହ୍ନ ସାଢ଼େ ୨ଟା ପର୍ଯ୍ୟନ୍ତ ନ ଆସିବାରୁ ସେମାନେ ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ।

# ଧାନ କଟାକୁ ନେଇ ଦୁଇ ଗୋଷ୍ଠୀ ମୁହାଁମୁହିଁ

### କୋଚିଲା ଗାଁରେ ପୋଲିସ ପଇଁତରା

ମହାକାଳପଡ଼ା,୧୭।୧୧(ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ଥାନା କୋଚିଲା-ବଜରପୁର ଗ୍ରାମରେ ଏକ ସରକାରୀ ଜମିରେ ଧାନ କାଟିବାକୁ ନେଇ ଥାନାରେ ଦଳିତ ମହିଳା ସୋମବାର ଲିଖିତ ଅଭିଯୋଗ କରିଛନ୍ତି। ଗ୍ରାମର ଧଡ଼ି ବେହେରା ଦୀର୍ଘ ବର୍ଷ ଧରି କେତେକ ସରକାରୀ ଜମି ଚାଷକରି ପରିବାର ଚଳାଇଥିଲେ। ତେବେ ନିକଟ ଗୁପ୍ତଗିରି ନଦୀରେ ଘାଟ ଡଙ୍ଗା ପାର ଉତାର କରିବା ପାଇଁ ଗ୍ରାମର ୨ ଏକର ୭୨ ଡେସିମିଲ ସରକାରୀ ଜମି ଚାଷକରି ଜୀବିକା ନିର୍ବାହ କରିବା ସହ ଧଡି ନଦୀ ପାର କରନ୍ତି। ତେବେ ଧଡିଙ୍କ ମୃତ୍ୟୁ ପରେ ତାଙ୍କ ବଂଶଧରମାନେ ଉକ୍ତ ଜମି ଚାଷକରି ଆସୁଥିଲେ। ଗୁପ୍ତଗିରି ନଦୀରେ ସେତୁ ନିର୍ମାଣ ପରେ ଘାଟ ଡଙ୍ଗା ପାର ଉତାର ବନ୍ଦ ହୋଇଗଲା। ତେବେ ଏହି ଗ୍ରାମର ଧଡିଙ୍କ ବଂଶର ୫ କୈବର୍ତ୍ତ ପରିବାର ଲୋକେ ଚାଷ କରିଥିଲେ ମଧ୍ୟ କୋଚିଲା ଗ୍ରାମର କେତେକ ଲୋକ ଉକ୍ତ ଜମିରେ ହୋଇଥିବା ଧାନ ସୋମବାର ଅପରାହ୍ନରେ କାଟି ନେଇଗଲେ। ଏ ନେଇ ରଘୁନାଥ ବେହେରାଙ୍କ ସ୍ତ୍ରୀ ରେଣୁବାଳା ବେହେରା ଧାନ କାଟିବା ନେଇ ମହାକାଳପଡ଼ା ଥାନାରେ କୋଚିଲା ଗ୍ରାମର କିଛି ଲୋକଙ୍କ ନାମରେ ଲିଖିତ ଅଭିଯୋଗ କରିଛନ୍ତି।

ମହାକାଳପଡ଼ା ପୋଲିସ ଟିମ୍ କୋଚିଲା ଗ୍ରାମରେ ପହଞ୍ଚି ଧାନ ଜବତ କରିଥିବା କୁହାଯାଇଛି। ଉଭୟ ପକ୍ଷକୁ ଥାନାକୁ ଡ଼ାକି ପଚରା ଉଚରା କରୁଛି। ଅଭିଯୋଗକୁ ଭିତ୍ତି କରି ନଂ. ୩୩୩/୨୫ ମାମଲା ରୁଜୁ କରିଛି। ମଙ୍ଗଳବାର ଘଟଣାର ତଦନ୍ତ ହେବ ବୋଲି ମହାକାଳପଡା ଥାନା ଅଧିକାରୀ ରାଜେନ୍ଦ୍ର କୁମାର ମହାପାତ୍ର କହିଛନ୍ତି।



କୋଚିଲା ଗ୍ରାମରେ ଧାନ କାଟିବାକୁ ନେଇ ପୋଲିସ ପକ୍ଷରୁ ପଚରା ଉଚରା କରାଯାଉଛି।

# ଡକାୟତି ଯୋଜନାବେଳେ ଧରାପଡ଼ିଲେ ୭ ଅଭିଯୁକ୍ତ

କେନ୍ଦ୍ରାପଡା/ପଟ୍ଟାମୁଣ୍ଡାଇ, ୧୭।୧୧
(ଜଗନ୍ନାଥ ଧଳ/କଳ୍ପତରୁ ନାୟକ)

କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପୋଲିସ ବଡ ଧରଣର ଡକାୟତି ଯୋଜନାକୁ ରବିବାର ବିଳମ୍ବିତ ରାତିରେ ପଣ୍ଡ କରିଛି। ଏଥିରେ ସମ୍ପୃକ୍ତ ଥିବା ୯ ଜଣଙ୍କ ମଧ୍ୟରୁ ୭ ଜଣଙ୍କୁ ଗିରଫ କରିଛି। ଜିଲା କାର୍ଯ୍ୟାଳୟରେ ଏସ୍‌ପି ସିଦ୍ଧାର୍ଥ କାଟାରିଆ ଏ ସମ୍ପର୍କରେ ସୋମବାର ସଂଧ୍ୟାରେ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏସ୍‌ପି କାଟାରିଆ କହିଛନ୍ତି, ଡକାୟତି ସମ୍ପର୍କରେ ଖବର ମିଳିବା ପରେ ପଟ୍ଟାମୁଣ୍ଡାଇ ମୂଳବସନ୍ତ ଏନ୍‌ସି ହାଇସ୍କୁଲ ପଡିଆରେ ପୋଲିସ ଗତ ମଧ୍ୟରାତିରେ ଚଢ଼ାଉ କରାଯାଇଥିଲା। ସେଠାରେ ସଞ୍ଜୟ କୁମାର ମଲ୍ଲିକ, କିରଣ ସେଠୀ, ମାନସ କୁମାର ନାୟକ, ରଞ୍ଜିତ ମଲ୍ଲ, ତ୍ରିଲୋଚନ ସାହୁ, ମେଙ୍କା ମଲ୍ଲିକ, ବଣ୍ଟି ମଲ୍ଲିକ, ସୁବ୍ରତ ମଲ୍ଲିକ ଓ ଜେପି ବିଶ୍ୱପ୍ରକାଶ ସିଂହ ମିଶି ଯୋଜନାର ରୂପରେଖ କରୁଥିଲେ। ଛଡ଼ାଉ ସମୟରେ ଏମାନଙ୍କ ମଧ୍ୟରୁ ୨ ଜଣ ଫେରାର ହୋଇ ଯାଇଛନ୍ତି। ସେମାନଙ୍କ ନିକଟରୁ ଗୋଟିଏ ଦେଶୀ ବନ୍ଧୁକ, ୨ ଅଫୁଟା ଗୁଳି, ୨ଟି ତେଲଙ୍ଗା କାଟା, ୩ ବାଇକ୍, ୭ ମୋବାଇଲ ଫୋନ, ଲଙ୍କା ଗୁଣ୍ଡ ୨ ପକେଟ, ୧୯୨ ଗ୍ରାମର ସୁନା ଗହଣା, ଗୋଟିଏ ଲୁହା ରଡ ଓ ଗୋଟିଏ ଛୁରି ଜବତ କରାଯାଇଛି। ନଂ ୩୬୯ / ୨୫ରେ ମାମଲା ରୁଜୁ ପରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ କ୍ଷମାସାଗର ପଣ୍ଡା, ଇନ୍ସପେକ୍ଟର ବନ୍ଦନା ପାତ୍ରଙ୍କ ସମେତ ଜିଲା ପୋଲିସର ବରିଷ୍ଠ ଅଧିକାରୀ ସାମିଲ ହୋଇଥିଲେ।



ପୋଲିସ ପକ୍ଷରୁ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

# ୮୦ ଅଭିଯୋଗ ଶୁଣିଲେ ଜିଲାପାଳ

### ମିଳିତ ଜନଶୁଣାଣି

ମାର୍ଶାଘାଇ, ୧୭।୧୧(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମାର୍ଶାଘାଇ ବ୍ଲକ୍ ସମ୍ମିଳନୀ କକ୍ଷରେ ସୋମବାର କେନ୍ଦ୍ରାପଡ଼ା ଜିଲାପାଳ ଏବଂ ଏସ୍‌ପିଙ୍କ ମିଳିତ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮୦ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ବ୍ୟକ୍ତିଗତ ୬୨ ଓ ସାମୂହିକ ୧୮ ଟି ରହିଥିଲା। କେନ୍ଦ୍ରାପଡ଼ା ଜିଲାପାଳ ରଘୁରାମ ଆର୍ ଆୟାର, ଅତିରିକ୍ତ ଏସ୍‌ପି ସୁଧାକର ସାହୁ ଯୋଗଦେଇ ଜନସାଧାରଣଙ୍କ ଅଭିଯୋଗର ଶୁଣାଣି କରିଥିଲେ। ବ୍ୟକ୍ତିଗତ ଅଭିଯୋଗରେ ରାଶନକାର୍ଡ, ଭତ୍ତା ଓ ଆବାସ ଯୋଜନାଗୁଡ଼ିକ ଥିବା ବେଳେ ସାମୂହିକ ଅଭିଯୋଗ ମଧ୍ୟରେ ଅଙ୍ଗୁଳାଇର ପାନୀୟ ଜଳ ପ୍ରକଳ୍ପରେ ପମ୍ପ ଡ୍ରାଇଭର (ଏସିଏମ୍) ନିଯୁକ୍ତିରେ ଅନିୟମିତତା, ମାର୍ଶାଘାଇ ବସ୍‌ଷ୍ଟାଣ୍ଡରୁ ଭୁବନେଶ୍ୱରକୁ ସିଧାସଳଖ ସରକାରୀ ବସ୍ ଚଳାଚଳ ବ୍ୟବସ୍ଥା କରିବା, ଚିତ୍ରୋତ୍ପଳା ନଦୀ ପରକୁଳା ପଠାରୁ ବେଆଇନ ବାଲି ଉଠାଣ, କରାଣ୍ଡିଆ ପାଟଣା ଗ୍ରାମରେ ଷ୍ଟ୍ରିଟ୍ ଲାଇଟ ଦୁର୍ନୀତି, ଓରତ ମେଡିକାଲ ଏବେ ସ୍କୁଲ ପରିସରରୁ ଜବରଦଖଲ ଉଚ୍ଛେଦ, ଗିରଙ୍ଗ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରାସ୍ତା ଓ ପରିସର ଉନ୍ନତୀକରଣ ଆଦି ଅଭିଯୋଗ ରହିଛି। ଅତିରିକ୍ତ ଜିଲାପାଳ ନବକୃଷ୍ଣ ଜେନା, ଉପଜିଲାପାଳ ଅରୁଣ ନାୟକ, କେନ୍ଦ୍ରାପଡ଼ା ଏସ୍‌ଡିପିଓ ଜ୍ୟୋତିରଞ୍ଜନ ଗୌଡ଼,ଡେପୁଟି କଲେକ୍ଟର ତୃପ୍ତି ମହାନ୍ତି, ବ୍ଲକ୍ ଅଧ୍ୟକ୍ଷା ମଧୁସ୍ମିତା ସାମଲ,ବିଡିଓ ପଞ୍ଚାନନ ମଲିକ ଓ ତହସିଲଦାର ଶ୍ରୀକାନ୍ତ ପରିଜା ପ୍ରମୁଖ ମଞ୍ଚାସୀନ ଥିଲେ। ଏଡିଏମ୍‌ଓ ପ୍ରମୋଦ ପ୍ରହରାଜ , ଜିଲା ସମାଜ ମଙ୍ଗଳ ଅଧିକାରିଣୀ ସୁଷମା ମହାନ୍ତି, ସିଡିଭିଓ ମନୋଜ ପଟ୍ଟନାୟକ,ଜୁନିୟର ମାଇନ୍ସ ଅଫିସର ଦୀନେଶ ମହାପାତ୍ର, ଏବିଇଓ ସୁଶାନ୍ତ କୁମାର ବେଉରା,ମାର୍ଶାଘାଇ ଥାନା ଅଧିକାରୀ ତପନ ନାୟକଙ୍କ ସମେତ ସମସ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

# ଡେରାବିଶ ମିନି ଷ୍ଟାଡିୟମରେ ଏମ୍‌ପି ଖେଳ ମହୋତ୍ସବ ଉଦ୍‌ଘାଟିତ

ଡେରାବିଶ,୧୭।୧୧(ବେବର୍ତ୍ତା ଅଜୟ କୁମାର ଦାସ)

ଡେରାବିଶ ମିନି ଷ୍ଟାଡିୟମରେ ସୋମବାର ଜୋନ୍‌ସ୍ତରୀୟ ଏମ୍‌ପି ଖେଳ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ୨ଦିନ ଧରି ୧୨ ନଂ. ଜୋନ୍ ଅଧିନ ୭ ପଞ୍ଚାୟତରୁ ଶତାଧିକ ଛାତ୍ରୀଛାତ୍ର ଏହି ଖେଳ ମହୋତ୍ସବରେ ଭାଗ ନେଇଛନ୍ତି। ଦୌଡ଼ ପ୍ରତିଯୋଗିତା ସମେତ ଲଙ୍ଗଜମ୍ପ,ହାଇଜମ୍ପ, ଶଟ୍‌ପୁଟ୍ ଥ୍ରୋ, ଭଲିବଲ ଓ କବାଡି ଆଦି ୮ଟି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ୧୨ ରୁ ୧୬ ବର୍ଷ ବୟସ ପର୍ଯ୍ୟନ୍ତ କନିଷ୍ଠ ଓ ୧୭ ରୁ ୨୪ ବର୍ଷ ବୟସ ପର୍ଯ୍ୟନ୍ତ ବରିଷ୍ଠ ବିଭାଗ ପାଇଁ ମାନଦଣ୍ଡ ଧାର୍ଯ୍ୟ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ କ୍ରମେ କେନ୍ଦ୍ରାପଡ଼ା ଏମ୍‌ପି ବୈଜୟନ୍ତ ପଣ୍ଡାଙ୍କ ନେତୃତ୍ୱରେ ସମଗ୍ର ଜିଲାରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ ପାଟକୁରା ନିର୍ବାଚନମଣ୍ଡଳୀ ପାଇଁ ଏହି କ୍ରୀଡା ଉତ୍ସବର ମୁଖ୍ୟ ସଂଯୋଜକ ରାଜ୍ୟ ଭାଜପା ମୁଖପାତ୍ର ତେଜେଶ୍ୱର ପରିଡ଼ାଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ଏଥିରେ ଜିଲା ସଂଯୋଜନା ଟିମ୍ ପକ୍ଷରୁ ବରିଷ୍ଠ ଭାଜପା ନେତା ଦୁର୍ଯ୍ୟୋଧନ ସାହୁ, ସରୋଜକାନ୍ତ ସାହୁ, ଭାଜପା ନେତ୍ରୀ ଜ୍ୟୋସ୍ନାରାଣୀ ଜେନା, କ୍ରୀଡ଼ାବିତ ତଥା ପ୍ରାକ୍ତନ ସୈନିକ ରମେଶ ଚନ୍ଦ୍ର ରାଉତ ଉତ୍ସବରେ ଅତିଥି ଭାବେ ଯୋଗଦେଇ କ୍ରୀଡ଼ା ପତାକା ଉତ୍ତୋଳନ କରିବା ସହ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ୱାରକ ମହାନ୍ତି, ଜିଲା ଶିକ୍ଷାଧିକାରୀ ପବିତ୍ର ମୋହନ ବାରିକ,ଏବିଇଓ ସଚ୍ଚିକାନ୍ତ ମିଶ୍ର ଓ ଦେବଦତ୍ତ ଶତପଥୀଙ୍କ ସମେତ ଡେରାବିଶ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ଦାସ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ୨ଦିନିଆ କ୍ରୀଡ଼ା ଉତ୍ସବକୁ କ୍ରୀଡ଼ା ଶିକ୍ଷକ ଗିରୀଶ ଚନ୍ଦ୍ର ସ୍ୱାଇଁ, ମଧୁସୂଦନ ଦାସ,ସାର୍ଥକ ରଞ୍ଜନ ଜେନା, ବିଜୟଲକ୍ଷ୍ମୀ ବେହେରା ଓ ସୁଶ୍ରୀ ସଂଗୀତା ଜେନା ପରିଚାଳନା କରୁଥିବା ବେଳେ ସରପଞ୍ଚ କାଶୀନାଥ କାଣ୍ଡି,ଶରତ କୁମାର ବେହେରା, ବିପିନ ବିହାରୀ ସାହୁ,ବିଶ୍ୱମୋହନ ଦାସ ଓ ସଞ୍ଜୟ ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରୁଛନ୍ତି।




ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇଥିବା ଅତିଥି।


# ଓଡ଼ିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
### ଅଧିସୂଚନା

**No.RDM-LAB-GM-0021-2025-19066/ R&DM,** **Dated: 27 MAY 2025**

No.XII-16: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ଗଞ୍ଜାମ ଜିଲ୍ଲାରେ ଛେଳିଗଡ଼ ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ ସରକାରୀ ବ୍ୟୟରେ ମୌଜା: **ସୁନ୍ଦରପୁର**, ଥାନା: ପାଟପୁର, ତହସିଲ: ସାନଖେମୁଣ୍ଡି, ଜିଲ୍ଲା: ଗଞ୍ଜାମରେ ନିମ୍ନ ତଫସିଲ ମତେ ପ୍ରାୟ ଏ.୫.୦୫୬ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି। ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି। ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ। ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. **ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ** - ଛେଳିଗଡ଼ ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ। ୨. **ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ** - ଅଧୀକ୍ଷଣ ଯନ୍ତ୍ରୀ, ଛେଳିଗଡ଼ କେନାଲ ବିଭାଜନ, ଦିଗପହଣ୍ଡି, ଗଞ୍ଜାମ। ୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା। (ଉକ୍ତ ପ୍ରକଳ୍ପ ଯୋଗୁଁ କୌଣସି ଲୋକ ବିସ୍ଥାପିତ ହେଉନାହାନ୍ତି)। ୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ- ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଘୋଷଣାନାମା ସଂଖ୍ୟା ୩୪୮୮୪ ତାରିଖ ୦୮.୧୦.୨୦୨୪ ପ୍ରକାରେ ଭୂମି ଅଧିଗ୍ରହଣ ନିମନ୍ତେ ୮(୨) ଧାରାରେ ଅନୁମୋଦନ ହୋଇଅଛି। ୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ- ଉପଜିଲ୍ଲାପାଳ, ବ୍ରହ୍ମପୁର, ଗଞ୍ଜାମ। ୬. ଜମିର ବିବରଣୀ-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ଗଞ୍ଜାମ | ସାନଖେମୁଣ୍ଡି | ସୁନ୍ଦରପୁର | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏ.୬.୩୯୧ | ଏ ୫.୦୫୬ | ଏଥିସହିତ ସଂଲଗ୍ନ |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ.୨.୮୨୫ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।

ଉକ୍ତ ଭୂମିର ଏକ ନକ୍ସା ଜିଲ୍ଲାପାଳ, ଗଞ୍ଜାମ ଓ ସ୍ୱତନ୍ତ୍ର ଭୂ-ଅର୍ଜନ ତଥା ଥଇଥାନ ଓ ପୁନର୍ବସତି ଅଧିକାରୀ, (ମଧ୍ୟମ ଜଳସେଚନ ପ୍ରକଳ୍ପ), ମହେନ୍ଦ୍ରଗଡଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ। ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି **ଜିଲ୍ଲାପାଳ, ଗଞ୍ଜାମଙ୍କ** ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- (ମଧୁସ୍ମିତା ସାହୁ),
ଅତିରିକ୍ତ ଶାସନ ସଚିବ

## ସୁନ୍ଦରପୁର ଗ୍ରାମର ଜମିର ବିବରଣୀ
### ମୌଜା-ସୁନ୍ଦରପୁର, ତହସିଲ-ସାନଖେମୁଣ୍ଡି, ଜିଲ୍ଲା-ଗଞ୍ଜାମ

| କ୍ରମିକ ସଂଖ୍ୟା | ଖାତା ନଂ | ପ୍ଲଟ ନଂ | କିସମ | ମୋଟ ରକବା (ଏକର) | ଅଧିଗ୍ରହଣ ହେବାକୁ ଥିବା ରକବା (ଏକର) | ରୟତଙ୍କ ନାମ | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୧ | ୧୦୧ | ୧୬୩୪ | ବିଲ ଜଳସେଚିତ ଏକ ଫସଲି | ୦.୧୭୦ | ୦.୧୭୦ | ଦଣ୍ଡିଆ ପ୍ରଧାନ, ପି:ମଙ୍ଗୁଲୁ ପ୍ରଧାନ, ଚୈତନ ପ୍ରଧାନ, ଦୁର୍ଲଭ ପ୍ରଧାନ, ପି:ହାଡୁ ପ୍ରଧାନ, ଗୁଣ୍ଡିଚା ପ୍ରଧାନ, ପି:ଲକ୍ଷ୍ମଣ ପ୍ରଧାନ, ଜା:କୁରୁମ, ବା:ତୁଣ୍ଡୁରା | କେନାଲ ସକାସେ= ୦.୦୪୦, ଗୋଚର ପ୍ରତି ବଦଳ=୦.୧୩୦ |
| ୨ | ୧୦୯ | ୧୬୪୬ | ବିଲ ଜଳସେଚିତ ଏକ ଫସଲି | ୦.୦୪୫ | ୦.୦୦୫ | ନଟିଆ ପ୍ରଧାନ, ପି:ଦଣ୍ଡପାଣି ପ୍ରଧାନ, ଜା:କୁରୁମ, ବା:ତୁଣ୍ଡୁରା | |
| | | ୧୬୪୭ | | ୦.୦୩୦ | ୦.୦୦୫ | | |
| | | ୧୬୯୭ | | ୦.୦୯୦ | ୦.୦୯୦ | | କେନାଲ ସକାସେ=୦.୦୪୦, ଗୋଚର ପ୍ରତି ବଦଳ=୦.୦୪୦ |
| | | ୧୬୯୮ | | ୦.୦୯୦ | ୦.୦୯୦ | | କେନାଲ ସକାସେ=୦.୦୭୦, ଗୋଚର ପ୍ରତି ବଦଳ=୦.୦୨୦ |
| ୩ | ୧୧ | ୧୬୩୩ | ବିଲ ଅଣ ଜଳସେଚିତ ଦୁଇ | ୦.୧୫୦ | ୦.୧୫୦ | ଆନନ୍ଦ ପ୍ରଧାନ, ପି:ଅର୍ଜୁନ ପ୍ରଧାନ, ବାଉରାଣୀ ପ୍ରଧାନ, ସ୍ୱା:ଅର୍ଜୁନ ପ୍ରଧାନ, ଜା:କୁରୁମ, ବା:ତୁଣ୍ଡୁରା | କେନାଲ ସକାସେ=୦.୧୦୦, ଗୋଚର ପ୍ରତି ବଦଳ=୦.୦୫୦ |
| ୪ | ୧୪୯ | ୧୭୬୫ | ବିଲ ଜଳସେଚିତ ଏକ ଫସଲି | ୦.୧୬୦ | ୦.୧୬୦ | ଭାସ୍କର ପ୍ରଧାନ, ପି:ବାପାଣି ପ୍ରଧାନ, ଜା:କୁରୁମ, ବା:ନିଜଗାଁ | କେନାଲ ସକାସେ=୦.୦୩୦, ଗୋଚର ପ୍ରତି ବଦଳ=୦.୧୩୦ |
| ୫ | ୧୭୯ | ୧୬୩୧ | ବିଲ ଜଳସେଚିତ ଏକ ଫସଲି | ୦.୨୦୮ | ୦.୨୦୮ | ରାଜେନ୍ଦ୍ର ପ୍ରଧାନ, ସୁରେନ୍ଦ୍ର ପ୍ରଧାନ, ଜ୍ୟୋସ୍ନା ପ୍ରଧାନ, ପି:କହ୍ନେଇ ପ୍ରଧାନ, ଝୁମ୍ପା ପ୍ରଧାନ, ସ୍ୱା:କହ୍ନେଇ ପ୍ରଧାନ, ଜା:କୁରୁମ, ବା:ତୁଣ୍ଡୁରା | କେନାଲ ସକାସେ=୦.୧୦୮, ଗୋଚର ପ୍ରତି ବଦଳ=୦.୧୦୦ |
| | | ୧୭୦୧ | | ୦.୩୦୫ | ୦.୩୦୫ | | କେନାଲ ସକାସେ=୦.୦୨୦, ଗୋଚର ପ୍ରତି ବଦଳ=୦.୨୮୦ |
| ୬ | ୧୯୩ | ୧୬୭୦ | ବିଲ ଜଳସେଚିତ ଏକ ଫସଲି | ୦.୪୬୦ | ୦.୪୬୦ | ଶାନ୍ତି ପ୍ରଧାନ, ପି:ଖଲି ପ୍ରଧାନ, ଜା:କୁରୁମ, ବା:ତୁଣ୍ଡୁରା | କେନାଲ ସକାସେ=୦.୨୯୦, ଗୋଚର ପ୍ରତି ବଦଳ=୦.୧୭୦ |
| ୭ | ୧୯୪ | ୧୭୬୧ | ବିଲ ଜଳସେଚିତ ଏକ ଫସଲି | ୦.୩୨୦ | ୦.୦୧୦ | ଶାନ୍ତି ପ୍ରଧାନ, ସ୍ୱା:ଦାମ ପ୍ରଧାନ, ଜା:କୁରୁମ,ବା:ତୁଣ୍ଡୁରା | |
| ୮ | ୨୦୬/ ୫୨ | ୧୬୩୦ | ବିଲ ଅଣ ଜଳସେଚିତ ଦୁଇ | ୦.୨୭୦ | ୦.୨୭୦ | କୃଷ୍ଣଚନ୍ଦ୍ର ପ୍ରଧାନ, ପି: ନଟବର ପ୍ରଧାନ, ଜା:କୁରୁମ, ବା:ତୁଣ୍ଡୁରା | ଗୋଚର ପ୍ରତି ବଦଳ= ୦.୧୭୦ |
| | | ୧୬୩୨ | ବିଲ ଜଳସେଚିତ ଏକ ଫସଲି | ୦.୧୯୦ | ୦.୧୯୦ | | କେନାଲ ସକାସେ=୦.୧୬୦, ଗୋଚର ପ୍ରତି ବଦଳ=୦.୦୮୦ |
| ୯ | ୨୮ | ୧୬୭୧ | ବିଲ ଜଳସେଚିତ ଏକ ଫସଲି | ୦.୩୨୫ | ୦.୩୨୫ | ଉଲା ପାତ୍ର, ପି:ବେଣିଆ ପାତ୍ର, ଜା:କୁରୁମ, ବା: ନିଜଗାଁ | କେନାଲ ସକାସେ=୦.୨୦୦, ଗୋଚର ପ୍ରତି ବଦଳ=୦.୧୨୫ |
| | | ୪୭୭ | | ୦.୨୭୫ | ୦.୦୪୦ | | |
| | | ୪୯୦ | | ୦.୧୯୦ | ୦.୦୧୦ | | |
| ୧୦ | ୩୪ | ୧୬୯୪ | ବିଲ ଜଳସେଚିତ ଏକ ଫସଲି | ୦.୧୧୦ | ୦.୧୧୦ | କପିଳ ପ୍ରଧାନ, ପି:ସାହେବ ପ୍ରଧାନ, ଜା:କୁରୁମ,ବା:ତୁଣ୍ଡୁରା | |
| ୧୧ | ୪୭ | ୧୬୬୯ | ବିଲ ଜଳସେଚିତ ଏକ ଫସଲି | ୦.୧୫୮ | ୦.୧୫୮ | କେଦାର ନାଥ ପ୍ରଧାନ, ପି:ଅର୍ଜୁନ ପ୍ରଧାନ, ଜା:କୁରୁମ, ବା:ତୁଣ୍ଡୁରା | |
| | | ୧୭୬୬ | | ୧.୧୬୫ | ୧.୧୬୫ | | କେନାଲ ସକାସେ=୦.୧୯୦, ଗୋଚର ପ୍ରତି ବଦଳ=୦.୯୭୫ |
| | | ୧୭୬୮ | | ୦.୩୪୦ | ୦.୩୪୦ | | କେନାଲ ସକାସେ=୦.୧୭୦, ଗୋଚର ପ୍ରତି ବଦଳ=୦.୧୭୦ |
| | | ୫୦୩ | | ୦.୨୬୫ | ୦.୦୪୦ | | |
| ୧୨ | ୬୨ | ୧୭୦୦ | ବିଲ ଜଳସେଚିତ ଏକ ଫସଲି | ୦.୪୩୦ | ୦.୪୩୦ | ଖଲି ପ୍ରଧାନ, ପି:ବାଲାଜି ପଧାନ, ଜା:କୁରୁମ, ବା:ତୁଣ୍ଡୁରା | କେନାଲ ସକାସେ=୦.୧୯୦, ଗୋଚର ପ୍ରତି ବଦଳ=୦.୨୫୦ |
| ୧୩ | ୮୯ | ୧୬୬୮ | ବିଲ ଜଳସେଚିତ ଏକ ଫସଲି | ୦.୧୨୦ | ୦.୦୭୦ | ତ୍ରିନାଥ ନାୟକ, ତବତିଆ ନାୟକ, ଲକ୍ଷ୍ମୀ ନାୟକ, ପି:ଉଜଳ ନାୟକ, ଜା:କୁରୁମ, ବା:ନିଜଗାଁ | |
| | | ୪୯୧ | | ୦.୨୯୦ | ୦.୦୪୦ | | |
| ୧୪ | ୯୭ | ୧୭୬୪ | ବିଲ ଜଳସେଚିତ ଏକ ଫସଲି | ୦.୧୩୫ | ୦.୧୩୫ | ଦଣ୍ଡପାଣି ପ୍ରଧାନ, ପି:ବାପାଣି ପ୍ରଧାନ, ଜା:କୁରୁମ, ବା:ତୁଣ୍ଡୁରା | କେନାଲ ସକାସେ=୦.୦୨୦, ଗୋଚର ପ୍ରତି ବଦଳ=୦.୧୧୫ |
| ୧୫ | ୩୧ | ୧୬୯୯ | ବିଲ ଜଳସେଚିତ ଏକ ଫସଲି | ୦.୦୭୦ | ୦.୦୭୦ | ଉଲା ପ୍ରଧାନ, ପି:ଦଣ୍ଡପାଣି ପ୍ରଧାନ, ଜା:କୁରୁମ, ବା:ତୁଣ୍ଡୁରା | କେନାଲ ସକାସେ=୦.୦୫୦, ଗୋଚର ପ୍ରତି ବଦଳ=୦.୦୨୦ |
| ୧୬ | ୫ | ୧୬୪୫ | ବିଲ ଜଳସେଚିତ ଏକ ଫସଲି | ୦.୦୩୦ | ୦.୦୧୦ | ଅନି ପ୍ରଧାନ, ସ୍ୱା:କପିଳ ପ୍ରଧାନ, ଜା:କୁରୁମ, ବା:ନିଜଗାଁ | |
| ମୋଟ = ୫.୦୫୬ ଏକର | | | | | | | |

OIPR- Sd./- Spl.L.A.Cum-R&R.O(M.I.P.), Mahendragada, (Gajapati)

# ଓଡ଼ଗାଁ ପାକ୍ସରେ ତାଲା ପକାଇ ଧାରଣା

## ୧୧ ଲକ୍ଷରୁ ଊର୍ଦ୍ଧ୍ୱ ଆତ୍ମସାତ୍ ଘଟଣାର ତଦନ୍ତ ନ ହେବାରୁ ପ୍ରତିବାଦ

ନୟାଗଡ଼/ ଓଡ଼ଗାଁ, ୧୭।୧୧ (ଲୋକନାଥ ମିଶ୍ର/ ଆଦର୍ଶ ପଟ୍ଟନାୟକ)



ବୋର୍ଡ ସଦସ୍ୟ ଓଡ଼ଗାଁ ପାକ୍ସରେ ତାଲା ପକାଇ ଧାରଣା ଦେଇଛନ୍ତି।

ନୟାଗଡ଼ ଜିଲା ଓଡ଼ଗାଁ ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ)ରେ ୧୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଆତ୍ମସାତ୍ ଘଟଣାର ତଦନ୍ତ ନ ହେବାରୁ ପ୍ରତିବାଦ ହୋଇଛି। ଏହି ଟଙ୍କା ଆତ୍ମସାତ୍ ଘଟଣାର ତଦନ୍ତ ସହ ସମ୍ପାଦକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ନିର୍ବାଚିତ ବୋର୍ଡ ସଦସ୍ୟ ଓଡ଼ଗାଁ ପାକ୍ସରେ ତାଲା ପକାଇ ଧାରଣା ଦେଇଛନ୍ତି। ଦାୟିତ୍ୱରେ ଥିବା ସମ୍ପାଦକ ଦୀପକ କୁମାର ଚୌଧୁରୀ ୧୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଆତ୍ମସାତ୍ କରିଥିବା ନେଇ ନିର୍ବାଚିତ ବୋର୍ଡ ସଦସ୍ୟ ନୟାଗଡ଼ ଜିଲାପାଳଙ୍କ ନିକଟରେ ଚଳିତ ମାସ ୧୦ ତାରିଖରେ ଅଭିଯୋଗ କରିଥିଲେ। ସମ୍ପୃକ୍ତ ଘଟଣାରେ ଜିଲା ପ୍ରଶାସନ କୌଣସି ତଦନ୍ତ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ନଭେମ୍ବର ୧୮ରୁ ତାଲା ବନ୍ଦ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଥିଲେ। ଅଭିଯୋଗ ପରେ ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କ, ଓଡ଼ଗାଁ ଶାଖା ପରିଚାଳକ ଏବଂ ପରେ ନୟାଗଡ଼ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ପାଦକ ଓଡ଼ଗାଁ ପାକ୍ସରେ ପହଞ୍ଚି ସମ୍ପାଦକଙ୍କୁ ଅଫିସ ନଥିପତ୍ର ମାଗି ତଦନ୍ତ କରିଥିଲେ।

ସୂଚନାଯୋଗ୍ୟ, ନିଲମ୍ବିତ ସମ୍ପାଦକ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ବୋର୍ଡ ମାଧ୍ୟମରେ ଦାୟିତ୍ୱରେ ଥିବା ସମ୍ପାଦକ ମନୋଜ କୁମାର ଦାସଙ୍କଠାରୁ ୨୦୨୪ ଅକ୍ଟୋବର ୯ରେ ଦାୟିତ୍ୱ ଗ୍ରହଣ କରିଥିଲେ। ଦାୟିତ୍ୱ ଗ୍ରହଣ ସମୟରେ ପାକ୍ସ ସଭା ବହି, ନୋଟିସ ଖାତା ସହ ଅନ୍ୟ କେତେକ ଆନୁଷଙ୍ଗିକ ନଥିପତ୍ରର ଦାୟିତ୍ୱ ପାଇ ନ ଥିଲେ। ତେବେ ସମିତି ପରିଚାଳନାରେ ଆବଶ୍ୟକ ପଡ଼ିବାରୁ ଏ ନେଇ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଇଥିଲେ। ଉପନିବନ୍ଧକ, ନୟାଗଡ଼ ସୂଚନା ପାଇ ସମିତି ବୋର୍ଡ ସଦସ୍ୟଙ୍କୁ ସମସ୍ତ ନଥିପତ୍ର ପ୍ରଦାନ ପାଇଁ ଆଦେଶ ଦେଇଥିଲେ। ସମୟ ବିଳମ୍ବ ହେବାରୁ ଉପନିବନ୍ଧକ, ନୟାଗଡ଼ଙ୍କ କୋର୍ଟରେ ବୋର୍ଡ ସଦସ୍ୟଙ୍କ ଉପସ୍ଥିତିରେ ବିଚାରକରି ନିର୍ବାଚିତ ବୋର୍ଡକୁ ରଦ୍ଦ କରିଦେଇଥିଲେ। ପରବର୍ତ୍ତୀ ସମୟରେ ମଧ୍ୟ ବୋର୍ଡ ସଦସ୍ୟ ଅଫିସ୍‌ର ଆନୁଷଙ୍ଗିକ ନଥିପତ୍ର ଫେରସ୍ତ କରି ନ ଥିବାରୁ ବୋର୍ଡକୁ ଅସିଦ୍ଧ ଘୋଷଣା କରିଥିଲେ। ଏହାକୁ ବୋର୍ଡ ହାଇକୋର୍ଟରେ ଚାଲେଞ୍ଜ କରିଥିଲେ। ହାଇକୋର୍ଟ ଅସିଦ୍ଧ ଘୋଷଣାକୁ ଅବୈଧ କହି ଏହାର ପୁନଃ ବିଚାର ପାଇଁ ଉପନିବନ୍ଧକ, ନୟାଗଡ଼ଙ୍କୁ ଆଦେଶ ଦେଇଥିଲେ। ଉପନିବନ୍ଧକଙ୍କ ଦ୍ୱାରା କୌଣସି ନିଷ୍ପତ୍ତି ଗ୍ରହଣ କରାଯାଇ ନ ଥିବା ବେଳେ ବୋର୍ଡ ସଦସ୍ୟ କିପରି ସମିତିରେ କାର୍ଯ୍ୟ କରୁଛନ୍ତି ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ବୋର୍ଡ ନିଲମ୍ବନ ପରେ ଉପନିବନ୍ଧକଙ୍କ ଦ୍ୱାରା ଓଡ଼ଗାଁ ପାକ୍ସ କାର୍ଯ୍ୟ ତଦାରଖ ପାଇଁ ଏମ୍‌ଆଇସି ନିଯୁକ୍ତ କରିଥିଲେ। ଏମ୍‌ଆଇସିଙ୍କ ନିର୍ଦ୍ଦେଶ ଅନୁସାରେ ସମ୍ପାଦକ ସମିତି କାର୍ଯ୍ୟ ପରିଚାଳନା ଆରମ୍ଭ କରିଥିଲେ। ନିଲମ୍ବନ ସମୟର ଗୃହଖର୍ଚ୍ଚ ଭରଣା ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ ବଳରେ ଏମ୍‌ଆଇସିଙ୍କ ଦ୍ୱାରା ସେ ନିଜର ବକେୟା ଦରମା ଉଠାଇ ବ୍ୟାଙ୍କରେ ନିଜ ଜମା ଖାତାରେ ରଖିଥିଲେ। ହେଲେ କୌଣସି ଉପାୟରେ ବ୍ୟାଙ୍କ କର୍ମଚାରୀଙ୍କ ସହାୟତାରେ ସମ୍ପାଦକଙ୍କ ଜମାର ଭାଉଚର ନମ୍ବର ସଂଗ୍ରହକରି ଏହାକୁ ଯୋଡ଼ାଯୋଡ଼ି କରି ଟଙ୍କା ଆତ୍ମସାତ୍ କରିଥିବା ଅଯଥାରେ ନିର୍ବାଚିତ ସଦସ୍ୟ ଅଭିଯୋଗ କରିଛନ୍ତି ବୋଲି ସମ୍ପାଦକ ଚୌଧୁରୀ କହିଛନ୍ତି।

# ବନ୍ୟପ୍ରାଣୀ ଶିକାର ନିୟନ୍ତ୍ରଣ, ହାତୀଙ୍କ ସୁରକ୍ଷିତ ସ୍ଥାନାନ୍ତରଣ ନେଇ ଆଲୋଚନା


ମିଳିତ ବୈଠକରେ ବିଭିନ୍ନ ବିଷୟରେ ଆଲୋଚନା କରାଯାଉଛି।

## ବନ, ବିଦ୍ୟୁତ୍ ବିଭାଗର ମିଳିତ ବୈଠକ

ଓଡ଼ଗାଁ, ୧୭।୧୧ (ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ବନାଞ୍ଚଳ ଅଧିନ ଓ ବାହାଡ଼ାଖୋଲା ସେକ୍ସନରେ ବନ୍ୟପ୍ରାଣୀ ଶିକାର ନିୟନ୍ତ୍ରଣ ହାତୀଙ୍କ ସୁରକ୍ଷିତ ସ୍ଥାନାନ୍ତରଣ ନିମନ୍ତେ ସୋମବାର ଓଡ଼ଗାଁ ବନାଞ୍ଚଳ କାର୍ଯ୍ୟାଳୟରେ ବନ ଏବଂ ବିଦ୍ୟୁତ୍ ବିଭାଗର ମିଳିତ ବୈଠକ ଅନୁଷ୍ଠିତ ହୋଇଥିଲା। ବନାଞ୍ଚଳ ଅଧିକାରୀ ଅଭିମନ୍ୟୁ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଓଡ଼ଗାଁ ବିଦ୍ୟୁତ୍ ସେକ୍ସନ ୧ ର ଭାରପ୍ରାପ୍ତ ଯନ୍ତ୍ରୀ ବିନୋଦ କୁମାର ମହାରଣା ଓ ସେକ୍ସନ ୨ର ଜିତେନ୍ଦ୍ର କୁମାର ମହାରଣାଙ୍କ ସହିତ ସମସ୍ତ କର୍ମଚାରୀ, ବନପାଳ ସରିତା ବରାଳ ଓ ମନୋଜ ସେଠୀ ଯୋଗଦେଇ ଏ ସମ୍ପର୍କରେ ଆଲୋଚନା କରିଥିଲେ। ବିଶେଷକରି ରାତିରେ ପାଟ୍ରୋଲିଂ ବେଳେ ଉଭୟ ବିଭାଗର ମିଳିତ ସମନ୍ୱୟ ରହିଲେ ଅନେକାଂଶରେ ଏଭଳି ସମସ୍ୟାକୁ ନିୟନ୍ତ୍ରଣ କରାଯାଇ ହାତୀମାନଙ୍କ ଗତିବିଧି ଓ ବନ୍ୟପ୍ରାଣୀ ଶିକାରୀଙ୍କ ଉପରେ ତୀକ୍ଷ୍ଣ ଦୃଷ୍ଟି ଦିଆଯାଇ ପାରିବ ବୋଲି ମତ ପ୍ରକାଶ ପାଇଥିଲା। ଏ ନେଇ ଉଭୟ ବିଭାଗ ଅଧିକାରୀ ପରସ୍ପର ଯୋଗସୂତ୍ରରେ ରହିବାକୁ ସହମତି ପ୍ରକାଶ କରିଥିଲେ।

# ୪୮ ଅଭିଯୋଗର ଶୁଣାଣି କଲେ ଜିଲାପାଳ


ବ୍ଲକ୍‌ରେ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ଅଭିଯୋଗ ଶୁଣୁଛନ୍ତି।

ଗଣିଆ, ୧୭।୧୧ (ସନ୍ତୋଷ କୁମାର ପ୍ରଧାନ)

ନୟାଗଡ଼ ଜିଲା ଗଣିଆ ବ୍ଲକରେ ସୋମବାର ଜିଲାପାଳଙ୍କ ବ୍ଲକସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ କାର୍ଯ୍ୟାଳୟ ପରିସରରେ ଜିଲାପାଳଙ୍କ ଏହି ଶିବିରରେ ୪୮ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଅଭିଯୋଗର ଶୁଣାଣି କରି ତୁରନ୍ତ ସମାଧାନ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ୪୮ ଅଭିଯୋଗରୁ ୪୨ଟି ବ୍ୟକ୍ତିଗତ ଓ ସାମୁହିକ ୬ଟି ଥିଲା। ଏଥିରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଖାଦ୍ୟ ସୁରକ୍ଷା ଯୋଜନା, କଳାକାର ଭତ୍ତା, ପାନୀୟ ଜଳ, ଷ୍ଟ୍ରିଟ ଲାଇଟ ଓ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍) ସମ୍ପର୍କିତ ଅଭିଯୋଗ ହୋଇଥିଲା। ବିଶେଷକରି ବେଲପଡ଼ା ପଞ୍ଚାୟତର ବିଜୟନଗର ଗ୍ରାମରେ ଅଙ୍ଗନୱାଡ଼ି ଗୃହ ନିର୍ମାଣ, ପାନୀୟ ଜଳ ସମସ୍ୟା, ବସ୍ତ୍ରାଣ୍ଡ ନିର୍ମାଣ ଓ ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ ନେଇ ବିଜୟନଗର ଗ୍ରାମର ବାଙ୍କ ବିହାରୀ ରାଉତ ଅଭିଯୋଗ କରିଥିଲେ। ତଇଲା ଗ୍ରାମରେ ଥିବା ସୋଲାର ପାଣି ଟାଙ୍କିର ପରିବର୍ତ୍ତନ ପାଇଁ ଗ୍ରାମବାସୀ ଅଭିଯୋଗ କରିଥିଲେ। ବଡ଼ସିଲିଙ୍ଗା ଆଶ୍ରମ ବିଦ୍ୟାଳୟରେ ଛାତ୍ରୀଛାତ୍ରମାନଙ୍କ ପାଇଁ ଡାଇନିଂ ହଲ ନିର୍ମାଣ ପାଇ ଗ୍ରାମବାସୀ ଅଭିଯୋଗ କରିଥିଲେ। ଶିବିରରେ ଉପଜିଲାପାଳ କର୍ଣ୍ଣଦେବ ସମାଦ୍ଦାର, ପି.ଡି ଲମ୍ବଜିତ ରାଉତ, ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ସୁବାସ ପଣ୍ଡା, ବ୍ଲକ ଅଧ୍ୟକ୍ଷା ଝୁନା ଜେନା, ତହସିଲଦାର ଐଶ୍ବର୍ଯ୍ୟା ସେଠ୍, ବିଡିଓ ଅଙ୍କୁର ଅଭିଳାଷ, ଉପାଧ୍ୟକ୍ଷ ରାଜକିଶୋର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ବ୍ଲକର ସମସ୍ତ ଜନପ୍ରତିନିଧି, ରାଜସ୍ୱ, ଶିକ୍ଷା, ସ୍ୱାସ୍ଥ୍ୟ, ଶ୍ରମ, ଜଙ୍ଗଲ, କୃଷି, ଉଦ୍ୟାନ କୃଷି, ଜଳ ଓ ପରିମଳ, ମହିଳା ଓ ଶିଶୁ ବିକାଶ, ପ୍ରାଣିସମ୍ପଦ ପରି ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ।

# ଆର୍‌ଏସ୍‌ଏସ୍ ପକ୍ଷରୁ ଯୁବ ସମ୍ମିଳନୀ

ଖଣ୍ଡପଡ଼ା, ୧୭।୧୧ (ଅଜୟ କୁମାର ମହାରଣା)

କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ୧୦୦ ବର୍ଷ ପୂର୍ତ୍ତି ପାଳନ ଅବସରରେ ଏକ ଯୁବ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ପ୍ରସନ୍ନ କୁମାର ସାହୁ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଅଧିବକ୍ତା ପରିଷଦ ରାଜ୍ୟ ସଭାପତି ଅଜିତ କୁମାର ପଟ୍ଟନାୟକ ଯୋଗଦେଇ କାର୍ଯ୍ୟକ୍ରମ ଆୟୋଜନର ମୁଖ୍ୟ ଲକ୍ଷ୍ୟ ସମ୍ପର୍କରେ ଆଲୋକପାତ କରିବା ସହ ସ୍ୱର୍ଣ୍ଣପ୍ରସୂ ଭାରତବର୍ଷ ବିକାଶ ଦିଗରେ ଅଗ୍ରସର ହେଉଥିବା ବେଳେ ଏହାର ନେତୃତ୍ୱ ଯୁବ ସମାଜ ନିଅନ୍ତୁ ବୋଲି ଆହ୍ୱାନ ଦେଇଥିଲେ। ସେହିପରି ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଯୁବକମାନଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଜ୍ଞାନରଞ୍ଜନ ପୃଷ୍ଟି ଓ ଜିତେନ୍ଦ୍ର କୁମାର କାଟିଆଙ୍କ ସମେତ ଅନ୍ୟ ଯୁବ ବନ୍ଧୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ସାଧାରଣ ଜ୍ଞାନ, ବକ୍ତୃତା ଓ ସଙ୍ଗୀତ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଖଣ୍ଡପଡ଼ା, ଭାପୁର ଓ ଗଣିଆ ବ୍ଲକ୍ ଅଞ୍ଚଳରୁ ୫୦୦ରୁ ଊର୍ଦ୍ଧ୍ୱ ଯୁବକ ସମ୍ମିଳନୀରେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

# ଚୋରଙ୍କୁ ଧରିଲେ ଗ୍ରାମବାସୀ

ଭାପୁର, ୧୭।୧୧ (ପ୍ରଭାତ ବରାଡ)

ଫତେଗଡ ଥାନା ଅଞ୍ଚଳରେ ଚୋରି ବଢ଼ିଚାଲିଥିବା ବେଳେ ଚୋରଙ୍କ ଟେର ପାଉନି ପୋଲିସ। କିଛି ଦିନ ତଳେ ନଟବରପୁର ଗ୍ରାମରୁ ସୁନା ଅଳଙ୍କାର ଲୁଟ୍ ଓ ଭାପୁର ମେଡିକାଲରୁ ବାଇକ ଚୋରି ହୋଇଥିଲେ ମଧ୍ୟ ପୋଲିସ ଲୁଟେରାଙ୍କ ଟେର ପାଇ ନାହିଁ। ରବିବାର ରାତିରେ ପଥରଚକଡା ଗ୍ରାମର ଗଦାଧର ସ୍ୱାଇଁଙ୍କ ଘରେ ଜଣେ ଲୁଟେରା ପଶିଥିବା ବେଳେ ପରିବାର ଲୋକେ ଉଠିପଡ଼ି ଚୋରଙ୍କୁ ଗ୍ରାମବାସୀଙ୍କ ସହଯୋଗରେ କାବୁକରି ଏକ ଖୁଣ୍ଟରେ ବାନ୍ଧି ସକାଳ ପର୍ଯ୍ୟନ୍ତ ରଖିଥିଲେ। ଯୁବକ ଜଣଙ୍କ ଖଣ୍ଡପଡ଼ା ଥାନା ବୋଦସା ଗ୍ରାମର ବାଟୁଆ ନାୟକ (୨୩) ବୋଲି ଜଣାପଡିଥିଲା। ପରିବାର ଲୋକେ ଓ ଗ୍ରାମର କେତେକ ବ୍ୟକ୍ତି ବୁଝାସୁଝା କରିବା ପରେ ବାଟୁଆଙ୍କୁ ଛାଡି ଦିଆଯାଇଥିଲା। ଏନେଇ ଫତେଗଡ ଥାନାଧିକାରୀ ପଞ୍ଚାନନ ପରିଡ଼ାଙ୍କୁ ପଚାରିବାରୁ ତାଙ୍କ ପାଖରେ କୌଣସି ଅଭିଯୋଗ ହୋଇନଥିବା କହିଛନ୍ତି।

# ଗଣ୍ଡରପୁର କ୍ଲବ ୨-୦ରେ ବିଜୟୀ

## ୬୪ତମ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟ

ଶରଣକୁଳ, ୧୭।୧୧ (ଦୀପକ କର)


ବିଜୟୀ ଦଳକୁ କପ୍ ପ୍ରଦାନ କରାଯାଉଛି।

ଲଡୁକେଶ ଆଥ୍‌ଲେଟିକ ଆସୋସିଏଶନ, ଶରଣକୁଳ ଦ୍ୱାରା ଆୟୋଜିତ ନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ଅନୁଷ୍ଠିତ ଜିଲାର ୬୪ତମ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟ ଗ୍ରୁପ୍ 'ଏ' ର ସୋମବାର ୨ୟ ଦିବସ ଖେଳରେ ଗଣ୍ଡରପୁର ଫୁଟବଲ କ୍ଲବ, ଭୁବନେଶ୍ୱର ୨-୦ ଗୋଲରେ ଡିଏମଏସଏଫ, ଚକ୍ରଧରପୁର, ଝାଡ଼ଖଣ୍ଡକୁ ହରାଇ ବିଜୟ ହାସଲ କରିଛି। ପ୍ରଥମାର୍ଦ୍ଧରେ ଉଭୟ ଦଳ ଚିତ୍ତାକର୍ଷକ ଖେଳ ପ୍ରଦର୍ଶନ କରିଥିଲେ ମଧ୍ୟ ଗୋଲ ଶୂନ୍ୟ ରହିଥିଲା। ଦ୍ୱିତୀୟାର୍ଦ୍ଧ ଖେଳର ୨ମିନିଟରେ ଗଣ୍ଡରପୁରର ୭ ନଂ ଜର୍ସି ଖେଳାଳି ବାବୁଲାଲ ସାହୁ ଗୋଟିଏ ଗୋଲ ଦେଇ ଦଳକୁ ୧-୦ରେ ଅଗ୍ରଣୀ କରିଥିଲେ। ପରେ ୧୩ତମ ମିନିଟରେ ଗଣ୍ଡରପୁରର ୭ ନଂ ଜର୍ସି ଖେଳାଳି ବାବୁଲାଲ ସାହୁ ପୁଣି ଗୋଟିଏ ଗୋଲ ଦେଇ ଦଳକୁ ୨-୦ ଗୋଲରେ ଅଗ୍ରଣୀ ରଖିଥିଲେ। ଖେଳ ଶେଷ ପର୍ଯ୍ୟନ୍ତ ଝାଡ଼ଖଣ୍ଡ ଦଳ ଖେଳାଳି ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲେ ସୁଦ୍ଧା ଗୋଲ ପରିଶୋଧ କରି ପାରିନଥିଲେ। ଫଳରେ ଗଣ୍ଡରପୁର ଫୁଟବଲ କ୍ଲବ ୨-୦ରେ ବିଜୟ ଲାଭ କରିଥିଲା।

କାର୍ଯ୍ୟକ୍ରମରେ ଅତିଥିଭାବେ ରୋଟାରିଆନ ସୁବାସ ଚନ୍ଦ୍ର ପଣ୍ଡା ଓ ପୂର୍ଣ୍ଣ ଚନ୍ଦ୍ର ସାହୁ ଯୋଗଦେଇ ଆସୋସିଏଶନ ସଭାପତି ସତ୍ୟନାରାୟଣ ପ୍ରଧାନ ଓ କର୍ମକର୍ତ୍ତାମାନଙ୍କ ସହ ଖେଳର ମଧ୍ୟାନ୍ତରରେ ପଡିଆ ମଧ୍ୟରେ ରେଫେରୀ ଓ ଖେଳାଳିମାନଙ୍କ ସହ ଫୁଲତୋଡ଼ା ଓ ପରିଚୟ ଆଦାନପ୍ରଦାନ ସହ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଶେଷରେ ଅତିଥିଦ୍ୱୟ ଆଜିର ସର୍ବଶ୍ରେଷ୍ଠ ଖେଳାଳିଭାବେ ଗଣ୍ଡରପୁରର ବାବୁଲାଲ ସାହୁଙ୍କୁ ଏକ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ଆଜିର ଖେଳକୁ ମୁଖ୍ୟ ରେଫେରି ରାଜୁ ମହାନ୍ତି, ଲାଇନରେ ଜ୍ୟୋତିରଞ୍ଜନ ସ୍ୱାଇଁ ଓ ପ୍ରସନ୍ନ ନାୟକ ଏବଂ ୪ର୍ଥ ରେଫେରୀ ଭାବେ ଜଗନ୍ନାଥ ପରିଡ଼ା ପରିଚାଳନା କରିଥିଲେ। ମଙ୍ଗଳବାରର ଖେଳ ଟାରଜେନ କ୍ଲବ, କଟକ ବନାମ ୟୁନାଇଟେଡ ସ୍ପୋର୍ଟ୍ସ କ୍ଲବ, ବରଗଡ଼ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ସମ୍ପାଦକ ରବୀନ୍ଦ୍ର କୁମାର ଚୌଧୁରୀ ସୂଚନା ଦେଇଛନ୍ତି।


# ଓଡ଼ିଶା ସରକାର
# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
## ଅଧିସୂଚନା

No.RDM-LAB-GM-0021-2025-19066/ R&DM, Dated: 27 MAY 2025

No.XII-16: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ଗଞ୍ଜାମ ଜିଲ୍ଲାରେ ଛେଳିଗଡ଼ ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ ସରକାରୀ ବ୍ୟୟରେ ମୌଜା: **ସୁନ୍ଦରପୁର**, ଥାନା: ପାଟପୁର, ତହସିଲ: ସାନଖେମୁଣ୍ଡି, ଜିଲ୍ଲା: ଗଞ୍ଜାମରେ ନିମ୍ନ ତଫସିଲ ମତେ ପ୍ରାୟ ଏ.୫.୦୫୬ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି । ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି । ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ। ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

### ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧. **ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ** – ଛେଳିଗଡ଼ ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ । ୨. **ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ** – ଅଧୀକ୍ଷଣ ଯନ୍ତ୍ରୀ, ଛେଳିଗଡ଼ କେନାଲ ବିଭାଜନ, ଦିଗପହଣ୍ଡି, ଗଞ୍ଜାମ । ୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ– ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା। (ଉକ୍ତ ପ୍ରକଳ୍ପ ଯୋଗୁଁ କୌଣସି ଲୋକ ବିସ୍ଥାପିତ ହେଉନାହାନ୍ତି) । ୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ– ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଘୋଷଣାନାମା ସଂଖ୍ୟା ୩୪୮୮୪ ତାରିଖ ୦୮.୧୦.୨୦୨୪ ପ୍ରକାରେ ଭୂମି ଅଧିଗ୍ରହଣ ନିମନ୍ତେ ୮(୨) ଧାରାରେ ଅନୁମୋଦନ ହୋଇଅଛି । ୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ– ଉପଜିଲ୍ଲାପାଳ, ବ୍ରହ୍ମପୁର, ଗଞ୍ଜାମ । ୬. ଜମିର ବିବରଣୀ–

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ଗଞ୍ଜାମ | ସାନଖେମୁଣ୍ଡି | ସୁନ୍ଦରପୁର | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏ.୬.୩୯୧ | ଏ ୫.୦୫୬ | ଏଥିସହିତ ସଂଲଗ୍ନ |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ.୨.୮୨୫ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ ।

ଉକ୍ତ ଭୂମିର ଏକ ନକ୍ସା ଜିଲ୍ଲାପାଳ, ଗଞ୍ଜାମ ଓ ସ୍ୱତନ୍ତ୍ର ଭୂ-ଅର୍ଜନ ତଥା ଥଇଥାନ ଓ ପୁନର୍ବସତି ଅଧିକାରୀ, (ମଧ୍ୟମ ଜଳସେଚନ ପ୍ରକଳ୍ପ), ମହେନ୍ଦ୍ରଗଡଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ । ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି **ଜିଲ୍ଲାପାଳ, ଗଞ୍ଜାମଙ୍କ** ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./– (ମଧୁସ୍ମିତା ସାହୁ),**
**ଅତିରିକ୍ତ ଶାସନ ସଚିବ**

### ସୁନ୍ଦରପୁର ଗ୍ରାମର ଜମିର ବିବରଣୀ
### ମୌଜା–ସୁନ୍ଦରପୁର, ତହସିଲ–ସାନଖେମୁଣ୍ଡି, ଜିଲ୍ଲା–ଗଞ୍ଜାମ

| କ୍ରମିକ ସଂଖ୍ୟା | ଖାତା ନଂ | ପ୍ଲଟ ନଂ | କିସମ | ମୋଟ ରକବା (ଏକର) | ଅଧିଗ୍ରହଣ ହେବାକୁ ଥିବା ରକବା (ଏକର) | ରୟତଙ୍କ ନାମ | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୧ | ୧୦୧ | ୧୬୩୪ | ବିଲ ଜଳସେଚିତ ଏକ ଫସଲି | ୦.୧୭୦ | ୦.୧୭୦ | ଦଣ୍ଡିଆ ପ୍ରଧାନ, ପି:ମଙ୍ଗୁଲୁ ପ୍ରଧାନ, ଚୈତନ ପ୍ରଧାନ, ଦୁର୍ଲଭ ପ୍ରଧାନ, ପି:ହାଡୁ ପ୍ରଧାନ, ଗୁଣ୍ଡିଚା ପ୍ରଧାନ, ପି:ଲକ୍ଷ୍ମଣ ପ୍ରଧାନ, ଜା:କୁରୁମ, ବା:ତୁଣ୍ଡୁରା | କେନାଲ ସକାସେ= ୦.୦୪୦, ଗୋଚର ପ୍ରତି ବଦଳ=୦.୧୩୦ |
| ୨ | ୧୦୯ | ୧୬୪୬ | ବିଲ ଜଳସେଚିତ ଏକ ଫସଲି | ୦.୦୪୫ | ୦.୦୦୫ | ନଟିଆ ପ୍ରଧାନ, ପି:ଦଣ୍ଡପାଣି ପ୍ରଧାନ, ଜା:କୁରୁମ, ବା:ତୁଣ୍ଡୁରା | |
| | | ୧୬୪୭ | | ୦.୦୩୦ | ୦.୦୦୫ | | |
| | | ୧୬୯୭ | | ୦.୦୯୦ | ୦.୦୯୦ | | କେନାଲ ସକାସେ=୦.୦୪୦, ଗୋଚର ପ୍ରତି ବଦଳ=୦.୦୪୦ |
| | | ୧୬୯୮ | | ୦.୦୯୦ | ୦.୦୯୦ | | କେନାଲ ସକାସେ=୦.୦୭୦, ଗୋଚର ପ୍ରତି ବଦଳ=୦.୦୨୦ |
| ୩ | ୧୧ | ୧୬୩୩ | ବିଲ ଅଣ ଜଳସେଚିତ ଦୁଇ | ୦.୧୫୦ | ୦.୧୫୦ | ଆନନ୍ଦ ପ୍ରଧାନ, ପି:ଅର୍ଜୁନ ପ୍ରଧାନ, ବାଉରାଣୀ ପ୍ରଧାନ, ସ୍ୱା:ଅର୍ଜୁନ ପ୍ରଧାନ, ଜା:କୁରୁମ, ବା:ତୁଣ୍ଡୁରା | କେନାଲ ସକାସେ=୦.୧୦୦, ଗୋଚର ପ୍ରତି ବଦଳ=୦.୦୫୦ |
| ୪ | ୧୪୯ | ୧୭୬୫ | ବିଲ ଜଳସେଚିତ ଏକ ଫସଲି | ୦.୧୬୦ | ୦.୧୬୦ | ଭାସ୍କର ପ୍ରଧାନ, ପି:ବାପାଣି ପ୍ରଧାନ, ଜା:କୁରୁମ, ବା:ନିଜଗାଁ | କେନାଲ ସକାସେ=୦.୦୩୦, ଗୋଚର ପ୍ରତି ବଦଳ=୦.୧୩୦ |
| ୫ | ୧୭୯ | ୧୬୩୧ | ବିଲ ଜଳସେଚିତ ଏକ ଫସଲି | ୦.୨୦୮ | ୦.୨୦୮ | ରାଜେନ୍ଦ୍ର ପ୍ରଧାନ, ସୁରେନ୍ଦ୍ର ପ୍ରଧାନ, ଜ୍ୟୋତ୍ସ୍ନା ପ୍ରଧାନ, ପି:କହ୍ନେଇ ପ୍ରଧାନ, ଝୁମ୍ପା ପ୍ରଧାନ, ସ୍ୱା:କହ୍ନେଇ ପ୍ରଧାନ, ଜା:କୁରୁମ, ବା:ତୁଣ୍ଡୁରା | କେନାଲ ସକାସେ=୦.୧୦୮, ଗୋଚର ପ୍ରତି ବଦଳ=୦.୧୦୦ |
| | | ୧୭୦୧ | | ୦.୩୦୫ | ୦.୩୦୫ | | କେନାଲ ସକାସେ=୦.୦୨୦, ଗୋଚର ପ୍ରତି ବଦଳ=୦.୨୮୦ |
| ୬ | ୧୯୩ | ୧୬୭୦ | ବିଲ ଜଳସେଚିତ ଏକ ଫସଲି | ୦.୪୬୦ | ୦.୪୬୦ | ଶାନ୍ତି ପ୍ରଧାନ, ପି:ଖଲି ପ୍ରଧାନ, ଜା:କୁରୁମ, ବା:ତୁଣ୍ଡୁରା | କେନାଲ ସକାସେ=୦.୨୯୦, ଗୋଚର ପ୍ରତି ବଦଳ=୦.୧୭୦ |
| ୭ | ୧୯୪ | ୧୭୬୧ | ବିଲ ଜଳସେଚିତ ଏକ ଫସଲି | ୦.୩୨୦ | ୦.୦୧୦ | ଶାନ୍ତି ପ୍ରଧାନ, ସ୍ୱା:ଦାମ ପ୍ରଧାନ, ଜା:କୁରୁମ,ବା:ତୁଣ୍ଡୁରା | |
| ୮ | ୨୦୬/ ୫୨ | ୧୬୩୦ | ବିଲ ଅଣ ଜଳସେଚିତ ଦୁଇ | ୦.୨୭୦ | ୦.୨୭୦ | କୃଷ୍ଣଚନ୍ଦ୍ର ପ୍ରଧାନ, ପି: ନଟବର ପ୍ରଧାନ, ଜା:କୁରୁମ, ବା:ତୁଣ୍ଡୁରା | ଗୋଚର ପ୍ରତି ବଦଳ= ୦.୧୭୦ |
| | | ୧୬୩୨ | ବିଲ ଜଳସେଚିତ ଏକ ଫସଲି | ୦.୧୯୦ | ୦.୧୯୦ | | କେନାଲ ସକାସେ=୦.୧୬୦, ଗୋଚର ପ୍ରତି ବଦଳ=୦.୦୮୦ |
| ୯ | ୨୮ | ୧୬୭୧ | ବିଲ ଜଳସେଚିତ ଏକ ଫସଲି | ୦.୩୨୫ | ୦.୩୨୫ | ଉଲା ପାତ୍ର, ପି:ବେଣିଆ ପାତ୍ର, ଜା:କୁରୁମ, ବା: ନିଜଗାଁ | କେନାଲ ସକାସେ=୦.୨୦୦, ଗୋଚର ପ୍ରତି ବଦଳ=୦.୧୨୫ |
| | | ୪୭୭ | | ୦.୨୭୫ | ୦.୦୪୦ | | |
| | | ୪୯୦ | | ୦.୧୯୦ | ୦.୦୧୦ | | |
| ୧୦ | ୩୪ | ୧୬୯୪ | ବିଲ ଜଳସେଚିତ ଏକ ଫସଲି | ୦.୧୧୦ | ୦.୧୧୦ | କପିଳ ପ୍ରଧାନ, ପି:ସାହେବ ପ୍ରଧାନ, ଜା:କୁରୁମ,ବା:ତୁଣ୍ଡୁରା | |
| ୧୧ | ୪୭ | ୧୬୬୯ | ବିଲ ଜଳସେଚିତ ଏକ ଫସଲି | ୦.୧୫୮ | ୦.୧୫୮ | କେଦାର ନାଥ ପ୍ରଧାନ, ପି:ଅର୍ଜୁନ ପ୍ରଧାନ, ଜା:କୁରୁମ, ବା:ତୁଣ୍ଡୁରା | |
| | | ୧୭୬୬ | | ୧.୧୬୫ | ୧.୧୬୫ | | କେନାଲ ସକାସେ=୦.୧୯୦, ଗୋଚର ପ୍ରତି ବଦଳ=୦.୯୭୫ |
| | | ୧୭୬୮ | | ୦.୩୪୦ | ୦.୩୪୦ | | କେନାଲ ସକାସେ=୦.୧୭୦, ଗୋଚର ପ୍ରତି ବଦଳ=୦.୧୭୦ |
| | | ୫୦୩ | | ୦.୨୬୫ | ୦.୦୪୦ | | |
| ୧୨ | ୬୨ | ୧୭୦୦ | ବିଲ ଜଳସେଚିତ ଏକ ଫସଲି | ୦.୪୩୦ | ୦.୪୩୦ | ଖଲି ପଧାନ, ପି:ବାଲାଜି ପଧାନ, ଜା:କୁରୁମ, ବା:ତୁଣ୍ଡୁରା | କେନାଲ ସକାସେ=୦.୧୯୦, ଗୋଚର ପ୍ରତି ବଦଳ=୦.୨୫୦ |
| ୧୩ | ୮୯ | ୧୬୬୮ | ବିଲ ଜଳସେଚିତ ଏକ ଫସଲି | ୦.୧୨୦ | ୦.୦୭୦ | ତ୍ରିନାଥ ନାୟକ, ତବତିଆ ନାୟକ, ଲକ୍ଷ୍ମୀ ନାୟକ, ପି:ଉଜ୍ଜଳ ନାୟକ, ଜା:କୁରୁମ, ବା:ନିଜଗାଁ | |
| | | ୪୯୧ | | ୦.୨୯୦ | ୦.୦୪୦ | | |
| ୧୪ | ୯୭ | ୧୭୬୪ | ବିଲ ଜଳସେଚିତ ଏକ ଫସଲି | ୦.୧୩୫ | ୦.୧୩୫ | ଦଣ୍ଡପାଣି ପ୍ରଧାନ, ପି:ବାପାଣି ପ୍ରଧାନ, ଜା:କୁରୁମ, ବା:ତୁଣ୍ଡୁରା | କେନାଲ ସକାସେ=୦.୦୨୦, ଗୋଚର ପ୍ରତି ବଦଳ=୦.୧୧୫ |
| ୧୫ | ୩୧ | ୧୬୯୯ | ବିଲ ଜଳସେଚିତ ଏକ ଫସଲି | ୦.୦୭୦ | ୦.୦୭୦ | ଉଲା ପ୍ରଧାନ, ପି:ଦଣ୍ଡପାଣି ପ୍ରଧାନ, ଜା:କୁରୁମ, ବା:ତୁଣ୍ଡୁରା | କେନାଲ ସକାସେ=୦.୦୫୦, ଗୋଚର ପ୍ରତି ବଦଳ=୦.୦୨୦ |
| ୧୬ | ୫ | ୧୬୪୫ | ବିଲ ଜଳସେଚିତ ଏକ ଫସଲି | ୦.୦୩୦ | ୦.୦୧୦ | ଅନି ପ୍ରଧାନ, ସ୍ୱା:କପିଳ ପ୍ରଧାନ, ଜା:କୁରୁମ, ବା:ନିଜଗାଁ | |
| ମୋଟ = ୫.୦୫୬ ଏକର | | | | | | | |

OIPR- Sd./- Spl.L.A.Cum-R&R.O(M.I.P.), Mahendragada, (Gajapati)

# ଓଡ଼ିଆ ଶିବିରାର୍ଥୀଙ୍କୁ ମାନସିକ ଯନ୍ତ୍ରଣା

**ଛତିଆ ଡ୍ରାଇଭିଂ ତାଲିମ କେନ୍ଦ୍ର**

- ଛାତ୍ରାବାସ ବଦଳରେ ଗୋଦାମ ଘରେ ଆଶ୍ରିତ
- ତାଲିମ ବଦଳରେ ଡ୍ରେନ୍ ସଫେଇ କାର୍ଯ୍ୟରେ ଲଗାଉଛନ୍ତି
- ବାଣିଜ୍ୟ, ପରିବହନ ବିଭାଗ ପକ୍ଷରୁ ତଦନ୍ତ ନିର୍ଦ୍ଦେଶ



ଛତିଆଠାରେ ଥିବା ଡ୍ରାଇଭିଂ ତାଲିମ କେନ୍ଦ୍ର।

ଯାଜପୁର,୧୭।୧୧(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲା ବଡ଼ଚଣା ବ୍ଲକ ଛତିଆରେ ଥିବା ହେଭିମୋଟର ଭେହିକିଲ (ଏଚ୍ଏମ୍ଭି) ଡ୍ରାଇଭିଂ ତାଲିମ କେନ୍ଦ୍ର ବା ଇନ୍ଷ୍ଟିଚ୍ୟୁଟ ଅଫ ଡ୍ରାଇଭିଂ ଆଣ୍ଡ ଟ୍ରାଫିକ ରିସର୍ଚ୍ଚ(ଆଇଡିଟିଆର୍) ଠାରେ ବ୍ୟାପକ ଅନିୟମିତତା ହେଉଛି। ଏଠାରେ ଅଣଓଡ଼ିଆ ଅଧିକାରୀ ଓ କର୍ମଚାରୀଙ୍କ ଯୋଗୁ ଓଡ଼ିଆ ଶିବିରାର୍ଥୀମାନେ ଚିନ୍ତାରେ ରହିଛନ୍ତି। ସେମାନଙ୍କୁ ଡ୍ରେନ୍ ସଫେଇ କାମରେ ଲଗାଇ ମାନସିକ ଯନ୍ତ୍ରଣା ଦିଆଯାଉଥିବା ଅଭିଯୋଗ ହୋଇଛି। ଏହିମର୍ମରେ ଶିବିରାର୍ଥୀମାନେ ୭।୧୦।୨୦୨୫ରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ୧୪।୧୧।୨୦୨୫ରେ ବାଣିଜ୍ୟ ଓ ପରିବହନ ବିଭାଗର ପକ୍ଷରୁ ଅନୁସଚିବ ସରୋଜ କୁମାର ମହାରଥୀ ତୁରନ୍ତ ତଦନ୍ତ କରିକାର୍ଯ୍ୟାନୁଷ୍ଠାନରିପୋର୍ଟଦାଖଲକରିବାକୁ ଟ୍ରାନ୍ସପୋର୍ଟ କମିଶନରଙ୍କୁ ଚିଠି କରିଛନ୍ତି।

ସଡ଼କ ସୁରକ୍ଷାକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ଅଭିଜ୍ଞ ଡ୍ରାଇଭର ସୃଷ୍ଟି କରିବା ଲକ୍ଷ୍ୟରେ ୨୦୧୩ରେ ଛତିଆ ଆଇଡିଟିଆର୍ ପରିକଳ୍ପନା କରାଯାଇଥିଲା। ଏହିକ୍ରମରେ ପର୍ଯ୍ୟାୟକ୍ରମେ ତାଲିମ କେନ୍ଦ୍ରର ଟ୍ରାକ୍, ହଷ୍ଟେଲ ଗୃହ, ପାଚେରି ଆଦି ନିର୍ମାଣ କରିବାକୁ ପ୍ରାୟ ୩.୭୩ କୋଟି ଟଙ୍କା ମଞ୍ଜୁର ହୋଇଥିଲା। ଏଥିରେ ଏଚ୍ଏମ୍ଭି ଡ୍ରାଇଭିଂ ତାଲିମ କେନ୍ଦ୍ରର ହଷ୍ଟେଲ ବିଲ୍ଡିଂ ପାଇଁ ୧ କୋଟି ୮୦ ଲକ୍ଷ ୪୦ ହଜାର ୫୦୦ ଟଙ୍କା, ପାଚେରି ପାଇଁ ୯୫ ଲକ୍ଷ ୩୦ ହଜାର ୫୦୦ ଟଙ୍କା ଓ ଟ୍ରାକ୍ ମରାମତି ପାଇଁ ୯୭ ଲକ୍ଷ ୬୦ ହଜାର ୫୦୦ ଟଙ୍କାରେ ବ୍ୟୟ ଅଟକଳ ପ୍ରସ୍ତୁତ ହୋଇଥିଲା। ଏହାପରେ ୨୦୨୨ରେ ଏହି ତାଲିମ କେନ୍ଦ୍ର ଆରମ୍ଭ ହୋଇଥିଲା। ହେଲେ ଏଠାରେ ଡ୍ରାଇଭିଂ ତାଲିମ ନେଉଥିବା ଓଡ଼ିଆ ଶିବିରାର୍ଥୀମାନେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଛାତ୍ରାବାସରେ ରହି ତାଲିମ ନେଉଥିବା ଶିବିରାର୍ଥୀମାନଙ୍କ ଅଭିଯୋଗ ଅନୁସାରେ ଆଇଡିଟିଆର ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ ଅଣଓଡ଼ିଆ ଅଟନ୍ତି। ସେମାନେ ଓଡ଼ିଆ ଶିବିରାର୍ଥୀମାନଙ୍କୁ ଆଦୌ ଧ୍ୟାନ ଦେଉନାହାନ୍ତି। କେତେଜଣ ତାଲିମଦାତାଙ୍କୁ ଲଗାଇ ଓଡ଼ିଆ ଶିବିରାର୍ଥୀମାନଙ୍କୁ ଜବରଦସ୍ତି ନାଳନର୍ଦ୍ଦମା ସଫା କରାଉଛନ୍ତି। ପୂର୍ଣ୍ଣମୀ, ସଂକ୍ରାନ୍ତିରେ ମନ୍ଦିର ଦର୍ଶନ କରିବାକୁ ନିବେଦନ କରାଯାଇଥିଲେ ବି ସେଠାକୁ ଯିବାକୁ ଦିଆଗଲା ନାହିଁ। କୌଣସି ଶିବିରାର୍ଥୀ କିମ୍ବା ତାଙ୍କ ପରିବାରବର୍ଗଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେଲେ ଛୁଟି ମିଳୁନାହିଁ। କିନ୍ତୁ ଦୁଃଖର କଥା ଅନ୍ୟମାନଙ୍କୁ ତାଙ୍କ ଧର୍ମ ଅନୁସାରେ ଦିନବାରରେ ଛଡ଼ାଯାଉଛି। ଏ ସଂକ୍ରାନ୍ତରେ ଅଧ୍ୟକ୍ଷଙ୍କୁ ଅଭିଯୋଗ କଲେ ରାଗି ତାଲିମରେ ଫେଲ୍ କରି ଦିଆଯିବ ବୋଲି ଧମକ ମିଳୁଥିବା ଅଭିଯୋଗ ହୋଇଛି। ଏପରିକି ଓଡ଼ିଆ ଶିବିରାର୍ଥୀମାନଙ୍କୁ ସ୍ଥାନ ଅଭାବ ଦର୍ଶାଇ ଏକ ଗୋଦାମ ଗୃହରେ ରଖାଯାଇଛି। ସେଠାରେ କୌଣସି ପ୍ରକାର ସୁବିଧା ନାହିଁ। ଏନେଇ ଅଭିଯୋଗ କରିବାରୁ ଇଚ୍ଛା ହେଲେ ରୁହ ନ ହେଲେ ପଳାଅ ବୋଲି କୁହାଯାଉଥିବା ଅଭିଯୋଗ ହୋଇଛି। ଉକ୍ତ ଅଭିଯୋଗ ପତ୍ରରେ ୧୦ ଜଣ ଶିବିରାର୍ଥୀଙ୍କ ସ୍ୱାକ୍ଷର ରହିଛି।

# ଯଖପୁରା-ଜେନାପୁର ଷ୍ଟେସନ ମଧ୍ୟରେ ମାଲବାହୀ ଟ୍ରେନ୍ ଲାଇନ୍‌ଚ୍ୟୁତ

କଳିଙ୍ଗନଗର, ୧୭।୧୧ (ଶୁଭାଶିଷ ରାଉତ )

କଳିଙ୍ଗନଗର ଶିଳ୍ପାଞ୍ଚଳକୁ ମାଲ୍ ବୋଝେଇ ନିମନ୍ତେ ଆସୁଥିବାବେଳେ ଏକ ମାଲବାହୀ ଟ୍ରେନ ସୋମବାର ରାତି ପ୍ରାୟ ୮ଟାରେ ଲାଇନ୍‌ଚ୍ୟୁତ ହୋଇଛି। ପୂର୍ବତଟ ରେଳପଥର ଯଖପୁରା-ଜେନାପୁର ମଧ୍ୟବର୍ତ୍ତୀ ରେଳଲାଇନ୍‌ରେ ଏହି ଘଟଣା ଘଟିଛି। ଗୋଟିଏ ୱାଗନ ଲାଇନଚ୍ୟୁତ ହୋଇଥିବାବେଳେ ୩ଟି ଲାଇନ୍‌ରେ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହୋଇଛି। ବିଭିନ୍ନ ଷ୍ଟେଶନରେ ଯାତ୍ରୀବାହୀ ଟ୍ରେନ ଅଟକି ରହିଛି। ରିପୋର୍ଟ ପ୍ରସ୍ତୁତି ବେଳକୁ ବାଘୁଆପାଳ ଷ୍ଟେଶନ ନିକଟରେ ବନ୍ଦେ ଭାରତ ଏକ୍ସପ୍ରେସ୍ ଅଟକି ରହିଥିବାବେଳେ ବୈତରଣୀ ରୋଡ୍ ନିକଟରେ କରମଣ୍ଡଳ ଏକ୍ସପ୍ରେସ, ଦଶପଲ୍ଲା-ଭଦ୍ରକ ମେମୁ ବରୀ ଠେଙ୍ଗଡଠାରେ, ଭୁବନେଶ୍ୱର-ବାଲେଶ୍ୱର ମେମୁ ନ୍ୟୁ ଗଡ଼ମଧୁପୁର ଷ୍ଟେଶନରେ ଅଟକି ରହିଥିଲା। ୱାଗନ ଉଦ୍ଧାର କାର୍ଯ୍ୟ ଜାରି ରହିଥିବା ରେଳ ସୁରକ୍ଷା ଅଧିକାରୀ ସୁଶାନ୍ତ କୁମାର ସେଠୀ ସୂଚନା ଦେଇଛନ୍ତି।

# ୨୦ରେ ଧର୍ମଶାଳା ବ୍ଲକ୍ ଅଧ୍ୟକ୍ଷ ପଦ ପାଇଁ ନିର୍ବାଚନ

**ଅଜ୍ଞାତବାସରେ ସମିତିସଭ୍ୟମାନେ**

ଧର୍ମଶାଳା, ୧୭।୧୧(ବଟକୃଷ୍ଣ ପରିଡ଼ା)

ଧର୍ମଶାଳା ବ୍ଲକ୍ ଅଧ୍ୟକ୍ଷ ପଦ ପାଇଁ ଆସନ୍ତା ୨୦ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ। ଏ ନେଇ ପୁଣି ୪ ମାସ ପରେ ରାଜନୈତିକ ଉଷ୍ମତା ଦେଖାଦେଇଛି। ପରବର୍ତ୍ତୀ ବ୍ଲକ୍ ଅଧ୍ୟକ୍ଷ କିଏ ହେବ ତାକୁ ନେଇ ରାଜନୈତିକ ମହଲରେ କଳ୍ପନାଜଳ୍ପନା ଜାରି ରହିଛି। ନିର୍ବାଚନପାଇଁହାତରେଆଉମାତ୍ର୩ଦିନଥିବାବେଳେ ସମର୍ଥିତ ସମିତିସଭ୍ୟମାନଙ୍କୁ ରବିବାର ରାତିରେ କଲିକତା(ଦୀଘା) ଅଭିମୁଖେ ପରିଭ୍ରମଣ ନିମନ୍ତେ ବସ୍ ଯୋଗେ ନିଆଯାଇଥିବା ଜଣାପଡ଼ିଛି। ସେଠାରେ ୩ ଦିନ ବୁଲାବୁଲି କରିବା ପରେ ୨୦ ତାରିଖ ସକାଳେ ଜାରକାଠାରେ ପହଞ୍ଚି ନିର୍ବାଚନରେ ସିଧାସଳଖ ଭାଗ ନେବେ ବୋଲି ବିଶେଷ ସୂତ୍ରରୁ ସୂଚନା ମିଳିଛି।

ସରକାର ପରିବର୍ତ୍ତନର ବର୍ଷକ ପରେ ଧର୍ମଶାଳା ବ୍ଲକ୍ ଅଧ୍ୟକ୍ଷ ଥିବା ପ୍ରଭାତ କୁମାର ବଳବନ୍ତରାୟଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆସିବାରୁ ନିର୍ବାଚନର ଗୋଟିଏ ଦିନ ପୂର୍ବରୁ ସେ ଅଧ୍ୟକ୍ଷ ପଦରୁ ଅଗଷ୍ଟ ୨୦ରେ ଇସ୍ତଫା ଦେଇଥିଲେ। ଏହାପରେ ଉପାଧ୍ୟକ୍ଷ ଥିବା ବିଶ୍ୱବିଜୟିନୀ ମିଶ୍ରଙ୍କୁ ପ୍ରଶାସନ ପକ୍ଷରୁ ଅଧ୍ୟକ୍ଷ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଅପରପକ୍ଷେ ଅଧ୍ୟକ୍ଷ ପଦବୀ ଖାଲି ପଡ଼ିଥିବା ନେଇ ବ୍ଲକ୍ ପ୍ରଶାସନ ପକ୍ଷରୁ ଯାଜପୁର ଜିଲା ପ୍ରଶାସନକୁ ଅବଗତ ପରେ ଆସନ୍ତା ୨୦ ତାରିଖରେ ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ବ୍ଲକ୍ ୪୫ଟି ପଞ୍ଚାୟତକୁ ନେଇ ଗଠିତ। କେବଳ ସମିତିସଭ୍ୟମାନେ ନିର୍ବାଚନରେ ଅଂଶଗ୍ରହଣ କରିବେ। ଅଗଷ୍ଟରେ ଅଧ୍ୟକ୍ଷଙ୍କ ବିରୋଧରେ ଅନାସ୍ଥା ଆଣିବା ସମୟରେ ପାଖାପାଖି ୩୫ରୁ ଊର୍ଦ୍ଧ୍ୱ ଜଣ ସମିତିସଭ୍ୟ ବିଜେଡି ହାତ ଛାଡ଼ି ଭାଜପା ଶିବିରକୁ ଚାଲିଯାଇଥିଲେ। ଅନାସ୍ଥା ନିର୍ବାଚନ ପୂର୍ବରୁ ଭାଜପା ନେତୃତ୍ୱରେ ଏହି ସଭ୍ୟମାନେ ପୁରୀଠାରେ ୧ ସପ୍ତାହ ଧରି ପରିବାର ସହ ହୋଟେଲରେ ରହିଥିଲେ। ଅଧ୍ୟକ୍ଷ ପଦ ପାଇଁ ମ୍ୟାଜିକ ସଂଖ୍ୟା ୨୩ ଥିବାବେଳେ ଏଠାରୁ ଢେର ଅଧିକ ସଂଖ୍ୟା ଏବେ ଭାଜପା ପାଖରେ ଅଛନ୍ତି। ଅବଶିଷ୍ଟ ସଂଖ୍ୟା ବିଜେଡି ପାଖରେ ଅଛି। ଯଦି ବିଜେଡି ଅଧ୍ୟକ୍ଷ ନିର୍ବାଚନରେ ପ୍ରାର୍ଥୀ ଦିଏ ତେବେ ନିର୍ବାଚନ ହେବ। ବିଧାୟକଙ୍କ ଠିକ୍ ରଣକୌଶଳ ଯୋଗୁ ବିଜେଡି ଏହି ନିର୍ବାଚନରେ ଭାଗ ନେବ ନାହିଁ ବୋଲି ଶୁଣିବାକୁ ମିଳୁଛି। ତେଣୁ ଭାଜପା ଅଧ୍ୟକ୍ଷ ପଦ ନିର୍ଦ୍ୱନ୍ଦ୍ୱରେ ହାତେଇ ନେବା ନିଶ୍ଚିତ। କିନ୍ତୁ କିଏ ହେବ ପରବର୍ତ୍ତୀ ଅଧ୍ୟକ୍ଷ ତାକୁ ନେଇ ଦଳ ମଧ୍ୟରେ କଳ୍ପନାଜଳ୍ପନା ଚାଲିଛି। ୨ଦିନ ତଳେ ଭାଜପା ସମର୍ଥିତ ସମିତିସଭ୍ୟମାନଙ୍କ ଏକ ଗୁପ୍ତ ବୈଠକ ବସିଥିଲା। ବିଧାୟକ ହିମାଂଶୁ ଶେଖର ସାହୁଙ୍କ ପ୍ରାର୍ଥୀ ଚୟନ ନିଷ୍ପତ୍ତିକୁ ସମସ୍ତେ ଗ୍ରହଣ କରିବେ ବୋଲି ସମସ୍ତେ ଏକ ସ୍ୱରରେ କଥା ଦେଇଥିବା ଶୁଣିବାକୁ ମିଳୁଛି। କିନ୍ତୁ ପ୍ରାର୍ଥୀଙ୍କ ନାମ ସସ୍‌ପେନ୍ସ ରଖାଯାଇଛି। ତେବେ ଏକାଧିକ ସମିତି ସଭ୍ୟ ଅଧ୍ୟକ୍ଷ ପାଇଁ ମନରେ ଆଶା ବାନ୍ଧିଥିବା ବେଳେ ସେମାନଙ୍କ ଭିତରୁ କିଏ ୨୦ ତାରିଖ ନିର୍ବାଚିତ ହେବେ ସ୍ପଷ୍ଟ ହୋଇଯିବ। ଏହି ନିର୍ବାଚନରେ ଧର୍ମଶାଳା ତହସିଲଦାର ସମୀର ରଞ୍ଜନ ଦାଶ ନିର୍ବାଚନ ଅଧିକାରୀ ଭାବେ ଯୋଗଦେବା କାର୍ଯ୍ୟକ୍ରମ ରହିଛି।

# ପୁରୁଷ, ମହିଳାରେ କଟକ ଦଳ ଚାମ୍ପିୟନ

**ପାଣିକୋଇଲି ରାଜ୍ୟସ୍ତରୀୟ କବାଡ଼ି ଦିବାରାତ୍ର ଟୁର୍ନାମେଣ୍ଟ**

ପାଣିକୋଇଲି, ୧୭।୧୧( ବିକାଶ ଚନ୍ଦ୍ର ମଲ୍ଲିକ)

ପାଣିକୋଇଲି ବାଲିଦାଣ୍ଡରେ ୨ଦିନ ଧରି ଚାଲିଥିବା ୧୧ତମ ରାଜ୍ୟସ୍ତରୀୟ ଦିବାରାତ୍ର କବାଡ଼ି ଟୁର୍ନାମେଣ୍ଟ ରବିବାର ଫାଇନାଲ ଖେଳ ହୋଇଯାଇଛି। ଏହି ଟୁର୍ନାମେଣ୍ଟର ପୁରୁଷ ବିଭାଗରେ ୧୦ଦଳ ଓ ମହିଳା ବିଭାଗରେ ୭ ଦଳ ଅଂଶଗ୍ରହଣ କରିଥିଲେ। କଟକ, ଭୁବନେଶ୍ୱର, କଳିଙ୍ଗ ଷ୍ଟାଡିୟମ, ଆସ୍କା, ଅନୁଗୋଳ, ତାଳଚେର, ବାରଙ୍ଗ, ଯାଜପୁରରୋଡ୍ ଓ ଅଗ୍ନେସ ସ୍ପୋର୍ଟିଂ ପାଣିକୋଇଲି ଭାଗ ନେଇଥିଲେ। ପୁରୁଷ ବିଭାଗରେ ଫାଇନାଲ ମ୍ୟାଚ କଟକ ଓ ଆସ୍କା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ କଟକ ଦଳ ଚାମ୍ପିୟନ ହୋଇଥିଲା। ସେହିପରି ମହିଳା ବିଭାଗରେ କଟକ ବନାମ ବିରଜା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲାବେଳେ କଟକ ଦଳ ଚାମ୍ପିୟନ ହୋଇଥିଲା। ଅତିଥି ଭାବେ ଅଶୋକ ଦାସ ଫାଉଣ୍ଡେଶନର ମହାସଚିବ ଭବପ୍ରସାଦ ଦାସ, ଯୁବନେତା ବନୋଜ କୁମାର ଜେନା, ପୂର୍ବତନ ସରପଞ୍ଚ କାର୍ତ୍ତିକ ଚନ୍ଦ୍ର ପଣ୍ଡା, ଯାଜପୁର ଆଥ୍‌ଲେଟିକ୍ ସମ୍ପାଦକ ସୁରେଶ ପଣ୍ଡା, ସାମାଜିକ କର୍ମୀ କୃଷ୍ଣଚନ୍ଦ୍ର ବିଶ୍ୱାଳ, ବିପିନ ଧଳ, ଅଜୟ ଦାଶ, କରୁଣାକର ମାଝୀ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଓ ରନର ଅପ୍ ଦଳକୁ ପୁରସ୍କୃତ କରିଥିଲେ। ଏହି ଟୁର୍ନାମେଣ୍ଟରେ ରେଫରି ଭାବେ ରମେଶ ପଣ୍ଡା, କୃଷ୍ଣଚନ୍ଦ୍ର ପଣ୍ଡା, ଶୁଭଶ୍ରୀ ସାହୁ ଯୋଗଦେଇଥିବାବେଳେ ଘୋଷକ ଭାବେ ଆନନ୍ଦ ରଣା ଓ ଜ୍ଞାନରଞ୍ଜନ ଘଡ଼େଇ ଯୋଗଦେଇଥିଲେ। ଅବିନାଶୀ ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଟୁର୍ନାମେଣ୍ଟରେ ସଭାପତି ମନୋଜ ମଲିକ, ସମ୍ପାଦକ ସୁରେଶ ମଲିକ, ମ୍ୟାନେଜର କୈଳାସ ମଲିକ, ପରିଚାଳନା କରିଥିବାବେଳେ ରାଜେନ୍ଦ୍ର ମଲିକ, ଚନ୍ଦ୍ରମଣି ମଲିକ, ଦୀପକ ଜେନା, ସନ୍ତୋଷ ମୁଣ୍ଡା, ପବିତ୍ର ନାୟକ ପ୍ରମୁଖ ସହଯୋଗ କରିଥିଲେ।

# କାର୍-ବାଇକ୍ ଧକ୍କା, ଜଣେ ଗୁରୁତର

ଚଣ୍ଡିଖୋଲ,୧୭।୧୧(ପ୍ରଦୀପ୍ତ କୁମାର ପୃଷ୍ଟି)

ବଡଚଣା ଥାନା ଅନ୍ତର୍ଗତ ବଡଚଣା-ବାଲିଚନ୍ଦ୍ରପୁର ପୂର୍ତ୍ତ ବିଭାଗ ରାସ୍ତାର ବାଙ୍ଗରୁମୁଠା ନିକଟରେ ରବିବାର ଏକ କାର-ବାଇକ୍ ଆରୋହୀକୁ ଧକ୍କା ଦେବାରୁ ସେ ଗୁରୁତର ହୋଇଛନ୍ତି। ଗୁରୁତର ଅବସ୍ଥାରେ ସେ କଟକ ବଡ଼ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ବଡଚଣା ଥାନା ଅନ୍ତର୍ଗତ ବାଙ୍ଗରୁମୁଠା ଗ୍ରାମର ପ୍ରଶାନ୍ତ କୁମାର ପରିଡାଙ୍କ ପୁଅ ସୁବ୍ରତ ବାଲିଚନ୍ଦ୍ରପୁର ବଜାରରୁ ପରିବା ବାଇକ୍‌ରେ ଧରି ନିଜ ଘରକୁ ଯାଉଥିଲେ। ବଡଚଣା ପଟୁ କାର ନଂ. ଓଡି ୦୨ ବିଟି ୫୩୮୩ ବାଲିଚନ୍ଦ୍ରପୁର ଅଭିମୁଖେ ଯାଉଥିଲା। ରବିବାର ବାଙ୍ଗରୁ ମୁଠା ଗ୍ରାମଠାରୁ ୫୦୦ ମିଟର ଦୂରରେ ବାଇକ୍ ଚାଳକ ସୁବ୍ରତଙ୍କୁ ଧକ୍କା ଦେଇ ବିଲ ଭିତରକୁ ପଶି ଯାଇଥିଲା। ଏଥିରେ ସୁବ୍ରତଙ୍କ ୨ଟି ଯାକ ଗୋଡ ଭାଙ୍ଗିଯାଇଛି। ସେ ଗୁରୁତର ଅବସ୍ଥାରେ କଟକରେ ଚିକିତ୍ସିତ ହେଉଛନ୍ତି। ପୋଲିସ ନଂ. ୪୨୬/୨୫ରେ ଏକ ମାମଲା ରୁଜୁ କରି କାରଟିକୁ ଜବତ କରିଥିବା ଆଇଆଇସି ସୁରେନ୍ଦ୍ର କୁମାର ଜେନା କହିଛନ୍ତି।

## ଯୁବତୀଙ୍କୁ ପ୍ରେମ ନିବେଦନ କରି ଜଣେ ଗିରଫ

କେନ୍ଦ୍ରାପଡ଼ା,୧୭।୧୧(ଜଗନ୍ନାଥ ଧଳ): ପାଟକୁରା ଥାନା ପୁନ୍ଦାଲଗଡା ନିକଟରେ ସୋମବାର ଜଣେ ଯୁବତୀଙ୍କୁ ବାଟରେ ଅଟକାଇ ଜୋର ଜବରଦସ୍ତ ପ୍ରେମ ନିବେଦନ କରିବା ଓ ତାଙ୍କ ମୋବାଇଲ ଛଡ଼ାଇବା ଅଭିଯୋଗରେ ବେଡାରୀ ଗ୍ରାମର ଅଶୋକ କୁମାର ନାୟକ(୫୭)ଙ୍କୁ ପୋଲିସ ଗିରଫ କରିଛି। ଯୁବତୀଙ୍କ ଅଭିଯୋଗକ୍ରମେ ଥାନାରେ ନଂ. ୨୦୩/୨୫ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଯୁବତୀ ଜଣକ ପଢ଼ିବା ପାଇଁ କଲେଜ ଯାଉଥିବା ବେଳେ ବାଟରେ ଏହି ଘଟଣା ଘଟିଥିଲା। ଅଶୋକ ଯୁବତୀଙ୍କୁ ବିବାହ କରିବା ପାଇଁ ବାରମ୍ବାର ବାଧ କରୁଥିଲେ।

# ଜିଲା ପ୍ରଶାସନକୁ ହରାଇ ଟାଟା ଷ୍ଟିଲ୍ ଚାମ୍ପିୟନ




ଟ୍ରଫିସହ ଅତିଥିଙ୍କ ଗହଣରେ ବିଜୟୀ ଦଳର ଖେଳାଳିମାନେ।

ଯାଜପୁରରୋଡ୍,୧୭।୧୧
(ପବିତ୍ର ରଞ୍ଜନ ମହାନ୍ତି)

**ବ୍ୟାସ ମିଡିଆ କପ୍ କ୍ରିକେଟ ଟୁର୍ନାମେଟ**

ବ୍ୟାସନଗର ପ୍ରେସ୍ ଫୋରମ ପକ୍ଷରୁ ଆୟୋଜିତ ୧୪ତମ ବ୍ୟାସ ମିଡିଆ କପ୍ କ୍ରିକେଟ ଟୁର୍ନାମେଣ୍ଟ ଫାଇନାଲ ଖେଳରେ ଟାଟା ଷ୍ଟିଲ୍ କଳିଙ୍ଗନଗର ଜିଲା ପ୍ରଶାସନ ଯାଜପୁରକୁ ହରାଇ ଚାମ୍ପିୟନ ହୋଇଛି। ରବିବାର ପୂର୍ବାହ୍ନରେ ପ୍ରଥମ ସେମିଫାଇନାଲ ଖେଳ ଜିଲା ପ୍ରଶାସନ ଯାଜପୁର ଓ ଲୟର୍ସ ଫୋରମ କ୍ଲବ ବ୍ୟାସନଗର ମଧ୍ୟରେ ହୋଇଥିଲା। ଏଥିରେ ଜିଲା ପ୍ରଶାସନ ବିଜୟୀ ହୋଇଥିଲା। ଅପରାହ୍ନରେ ଫାଇନାଲ ଖେଳ ଟାଟା ଷ୍ଟିଲ୍ ଓ ଜିଲା ପ୍ରଶାସନ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିଣି ଜିଲା ପ୍ରଶାସନ ପ୍ରଥମେ ବ୍ୟାଟିଂକରି ନିର୍ଦ୍ଧାରିତ ୧୫ ଓଭରରେ ୫ ଉଇକେଟ ହରାଇ ୧୬୩ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଶ୍ରୀକାନ୍ତ ସେଠୀ ସର୍ବାଧିକ ୨୨ ବଲରେ ୬୬ ରନ ସଂଗ୍ରହ କରିଥିଲେ। ଜବାବରେ ଟାଟା ଷ୍ଟିଲ୍ ୧୩.୪ ଓଭରରେ ୪ ଉଇକେଟ ହରାଇ ଆବଶ୍ୟକ ରନ ୧୬୪ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ରାଜେଶ ସିଏ ସର୍ବାଧିକ ୨୦ ବଲରେ ୭୦ ରନ କରି ଦଳକୁ ଚାମ୍ପିୟନ କରିବାରେ ସହାୟକ ହୋଇଥିଲେ। ଅନୁଷ୍ଠିତ ଖେଳକୁ ବରିଷ୍ଠ ଅମ୍ପାୟର କଳିଙ୍ଗ ପହି ଓ ଅସିମ ଦାଶ ପରିଚାଳନା କରିଥିଲାବେଳେ ସ୍କୋରର ଭାବେ ପ୍ରଦୀପ କୁମାର ସାମଲ ଓ ଘୋଷକ ଭାବେ ଅଜୟ କୁମାର ସାହୁ, ଜ୍ଞାନରଞ୍ଜନ ଓଝା ପରିଚାଳନା କରିଥିଲେ। ଫାଇନାଲ ଖେଳର ପୁରସ୍କାର ବିତରଣ ସଭା ଫୋରମର ସଭାପତି ଡ. ଅଭୟ ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ କୋରାଇ ବିଧାୟକ ଆକାଶ ଦାସନାୟକ ଯୋଗଦେଇଥିଲା ବେଳେ ସମ୍ମାନିତ ଅତିଥି ଭାବେ ଟାଟା ଷ୍ଟିଲ୍ କଳିଙ୍ଗନଗରର କର୍ପୋରେଟ ଟେକ୍‌ନିକାଲ ହେଡ୍ ଶୁଭ୍ରାଂଶୁ ଶେଖର ପଣ୍ଡା, ଯୁବ ଉଦ୍ୟୋଗୀ ଆଲୋକ କୁମାର ମହାନ୍ତି, ଫୋରମର ମୁଖ୍ୟ ପରାମର୍ଶଦାତା ଉଦୟନାଥ ଖଣ୍ଡାଇ, ଖବରଦାତା ହର୍ଷବର୍ଦ୍ଧନ ବେହେରା, ମନୋଜ କୁମାର ରାଉଳ ପ୍ରମୁଖ ଯୋଗଦେଇ ବିଜୟୀ ଟାଟା ଷ୍ଟିଲ୍ କଳିଙ୍ଗନଗରକୁ ୧୦ ହଜାର ନଗଦ ଅର୍ଥରାଶି ସହ ଚାମ୍ପିୟନ ଟ୍ରଫି ଓ ଉପବିଜେତା ଜିଲା ପ୍ରଶାସନ ଯାଜପୁରକୁ ୫ ହଜାର ନଗଦ ଅର୍ଥ ରାଶି ସହ ରନର୍ସ କପ୍ ପ୍ରଦାନ କରିଥିଲେ। ଏଥିସହ ବେଷ୍ଟ ବ୍ୟାଟ୍ସମ୍ୟାନ ଜିଲା ପ୍ରଶାସନରର ଶ୍ରୀକାନ୍ତ ସେଠୀ, ବେଷ୍ଟ ବୋଲର ଟାଟା ଷ୍ଟିଲ୍‌ର ରାଜେଶ ସିଏ ଓ ମ୍ୟାନ୍ ଅଫ୍ ଦି ସରିଜ ଭାବେ ଟାଟା ଷ୍ଟିଲ୍‌ର ରୋଶନ ମଥୁ ଏବଂ ଅମ୍ପାୟର ଦ୍ୱୟଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଉପସଭାପତି ଦୟାନିଧି ନାୟକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲାବେଳେ ସମ୍ପାଦକ ମଳୟ କୁମାର ମଲ୍ଲିକ ଧନ୍ୟବାଦ ଦେଇଥିଲେ। ସଭାରେ ଫୋରମର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।


**OFFICE OF THE PANCHAYAT SAMITI, KUSUMI,**
Dist.-Mayurbhanj
Panchayati Raj & DW Department
Govt. of Odisha
**Short Tender Call Notice**

Tender Notice No.1/2025 Dt.15.11.2025

**No.i-381** : The Block Development Officer, Kusumi on behalf of Government of Odisha invites sealed tender on percentage rate basis from registered contractor of Odisha PWD/WR/RWD/NH/MI/CPWD for the following work in conformity with the detail tender call notice.

| Sl. No. | Name of Work | Estimated Amount Put to Tender | Class of Contractor |
|---|---|---|---|
| 1 | Development of Model Hato at Hatbadra G.P | 6355962 | B |

**Time Line**
Availability of tender document at **http://mayurbhanj.odisha.gov.in** from on dt.18.11.2025 to 05.12.2025
Last date of submission of tender document : Dt.09.12.2025 upto 05.00 P.M.
Date of Opening of Tender Paper : Dt.11.12.2025
Interested Contractors/bidders are requested to follow up the schedule given above.

OIPR- **Sd./- BDO, Kusumi**



No.C-1492

**CUTTACK MUNICIPAL CORPORATION**
**"e" PROCUREMENT NOTICE**
**Tender Call Notice No. 14876 (PW) Date : 15.11.2025**
**Tender ID : 2025_ORULB_121312**
**Bid Value : Rs.3.29 Lakhs to Rs.13.28 Lakhs**
Date and Time schedule :

| Start | End | Opening |
|---|---|---|
| 11.00 A.M. on dt.18.11.2025 | 5.00 P.M. on dt.27.11.2025 | 11.00 A.M. on dt.01.12.2025 |

Tender Details : Can be seen from the procurement portal : **www.tendersorissa.gov.in**

**Sd./- Executive Engineer**
**City Division-II,**
OIPR- **CMC**



**DISTRICT PROJECT OFFICE, SAMAGRA SHIKSHA, BALANGIR**
AT - COLLEGE CHOWK, PO-DIST : BALANGIR, 767001
Email ID : dpcbolangirssa.opepa@nic.in
**No. XXIII / KGBV / 01 / 2025 / 3469/Dt: 15.11.2025**
**NOTIFICATION FOR PUBLICATION OF PROVISIONAL MERIT LIST AND FINAL REJECT LIST OF THE APPLICANTS APPLIED FOR DIFFERENT VACANT POSTS UNDER KGBV HOSTELS (TYPE-III) - 2025**

**No.n-195** : In continuance to this Office Advertisement No. 1880 dated 25.06.2025 & Notification No.2539 dated 06.09.2025, it is hereby informed to all Applicants concerned, who had applied for different vacancies under KGBV Hostels (Type-III) of Balangir District, that **the Provisional Merit List and Final Reject List of the Applicants** are available in OSEPA and Balangir District websites i.e. www.osepa.odisha.gov.in and www.balangir.odisha.gov.in. All applicants are hereby requested to go through the list accordingly. The detail schedule of the **Written Test, Viva-voce Test and Original Certificates / Documents Verification**, as the case may be, for selection of the posts advertised, is enclosed herewith at **ANNEXURE-1** and all candidates, found place in the Provisional Merit List, are requested to go through the date schedule carefully and attend the same as per schedule, without fail. If any candidate, found place in the Prov. Merit List, failed to attend the Written Test, Viva-voce Test and Original Certificates / Documents verification, as the case may be, as per date schedule fixed for the purpose, her candidature shall not be taken into consideration, whatsoever the reason may be.

**By Order of the Collector-cum-Chairman, Samagra Shiksha, Balangir**
OIPR- **Sd./- District Education Officer & DPC, Samagra Shiksha, Balangir**



**ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର**
(ଗ୍ରାମ୍ୟ / ପୋଷ୍ଟ – ଆମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର – ୭୬୦୦୧୧, ଗଞ୍ଜାମ, ଓଡ଼ିଶା)
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR**
(At/PO-Ambapua, Near Income Tax Office, Berhampur-760011, Ganjam, Odisha)
**(E-Mail : serwbpr2004@yahoo.com, Tel No.: 0680-2404287)**
**No. e-tender : // 4131 // RWC // BAM // Dated.07.11.2025**
**OFFICE ORDER**
**Bid Identification No. Online Tender/37-2025-26/BPR**

**No.O-1494** : Due to unavoidable circumstances, the tender invited vide this office Bid Identification No. Online Tender/37-2025-26/BPR is hereby cancelled.

**Sd./- Chief Construction Engineer,**
OIPR- **R.W. Circle, Berhampur**



**OFFICE OF THE TRANSPORT COMMISSIONER-CUM-CHAIRMAN STATE TRANSPORT AUTHORITY, ODISHA, CUTTACK**
**TENDER CALL NOTICE**
**Notice No. : LXVI-27/2022 16911 Date : 15.11.2025**

**No.JJ-66** : Bidders are invited for submission of bids for Selection of Agency for Providing Manpower for the office of Transport Commissioner and Sub-Ordinate Offices by the office of Transport Commissioner for online submission latest by **08.12.2025**.

For details, please visit the websites www.odishatransport.gov.in and www.gem.gov.in.

**By the orders of Transport Commissioner, Odisha**
OIPR- **Sd./- Additional CommissionerTransport (Admin.) STA, Odisha, Cuttack**



No.A-899

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER, BARGARH IRRIGATION DIVISION, BARGARH**
e-mail : **eecanalbgh11@gmail.com**
**e-Procurement Notice No. BID-05/2025-26 dt.13.11.2025**

1. Name of the work : Improvement of canal
2. Total No. of works : 1 No.
3. Estimated cost : Rs.36.78 Lakh (approx)
4. Class of contractor : "C" and "B" class
5. Period of completion : 60 days excluding canal opening period
6. EMD required : Rs.36,800.00
7. Online for bidding : 19.11.2025 at 10.00 A.M. to 28.11.2025 up to 05.00 P.M.
8. Last date & time of seeking of tander clarification : Dt.25.11.2025 upto 01:00 P.M.
9. Date & time of opening of tender : Dt.29.11.2025 at 11.00 A.M.

Other details can be seen from the website **https://tendersodisha.gov.in**

**Sd./- Superintending Engineer**
OIPR- **Bargarh Irrigation Division, Bargarh**



**OFFICE OF THE SUPERINTENDING ENGINEER, KHORDHA (R&B) DIVISION, KHORDHA**
**INVITATION FOR BIDS (IFB)**
E-mail : pwdoff_khd@yahoo.com
**Tender Call Notice**
**Bid Identification No. S.E.-KHD-(R&B)-27/25-26**
**Letter No. 6375 dtd. 10.11.2025**

**No.B-685** : The **Superintending Engineer, Khordha (R&B) Division, Khordha** on behalf of Governor of Odisha invites **Percentage rate bids in Single Cover System from appropriate Class of contractors as detailed below** registered with the State Governments and Contractors of equivalent Grade / Class registered with Central Government / MES / Railways for execution of the **Civil**. The bidder not registered under the State Government has to register under the State PWD & ELBO in appropriate class of eligiblity before signing of the agreement.

1. Nature of Work : **Civil Work**
2. No. of Work : 2 Nos.
3. Tender Cost : Rs.6000.00 (Online)
4. Class of Contractor : Sl. No.01-C & B Class Contractor; Sl. No.02-'D' & C Class Contractor
5. Available of Bid documents in the Website : From Dt.18.11.2025 at 12.00 Noon to Dt.27.11.2025 at 5.00 P.M.
6. Date of opening of Bids : Dt.28.11.2025 at 11.00 A.M.
7. Bidders have to participate in ONLINE bidding only. Further details can be seen from the Website : https://tenderodisha.gov.in. Any information regarding Addendum / Corrigendum / Cancellation of tender can be available in the said website.

**Sd./- Superintending Engineer**
OIPR- **Khordha (R&B) Division, Khordha**

## କର୍କଟ ପୀଡ଼ିତଙ୍କୁ ସହାୟତା

**କୁଜଙ୍ଗ,୧୭।୧୧(ମନୋଜ ପ୍ରଧାନ)**

କୁଜଙ୍ଗ ଥାନା ତଥା ଏରସମା ବ୍ଲକ ବାମଦେଇପୁର ପଞ୍ଚାୟତ ଅନ୍ତର୍ଗତ ଦାମକା ଗ୍ରାମରେ କର୍କଟ ରୋଗରେ ପୀଡ଼ିତ ୨୦ ବର୍ଷୀୟ ଯୁବକ ଜନ୍ମେଜୟ ବେହେରାଙ୍କୁ ସହାୟତାର ହାତ ବଢ଼ାଇଛି ଦାତବ୍ୟ ସଙ୍ଗଠନ ଆଶୀର୍ବାଦ ଚାରିଟେବୁଲ ଟ୍ରଷ୍ଟ । ଜନ୍ମେଜୟ ହେଉଛନ୍ତି ପ୍ରତିମା ବେହେରା ଓ ଅନିରୁଦ୍ଧ ବେହେରାଙ୍କ ଏକ ମାତ୍ର ପୁତ୍ର। ପୁଅ କର୍କଟ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁ ସହ ସଂଗ୍ରାମ କରୁଥିବାବେଳେ ଦିନମଜୁରିଆ ଅନିରୁଦ୍ଧଙ୍କ ଦାରିଦ୍ର୍ୟତା ଚିକିତ୍ସାରେ ବାଧକ ସାଜିଛି। ଏହି ଦୁଃଖଦ ଖବରପାଇ ଆଶୀର୍ବାଦ ଚାରିଟେବୁଲ ଟ୍ରଷ୍ଟର ସଭାପତି ଉମାକାନ୍ତ ପରିଡାଙ୍କ ପରାମର୍ଶକ୍ରମେ ସମ୍ପାଦକ ରାକେଶ ସୂତାର, ସହସମ୍ପାଦକ ବିଭୂତି ବେହେରା, କୋଷାଧ୍ୟକ୍ଷ ଫକୀର ସାହୁ,ବରିଷ୍ଠ ଉପଦେଷ୍ଟା ପ୍ରହ୍ଲାଦ ସ୍ୱାଇଁ, ମନୋରଞ୍ଜନ ସାମନ୍ତରାୟ ପ୍ରମୁଖ ଜନ୍ମେଜୟଙ୍କ ବାସଭବନରେ ପହଞ୍ଚି ଏକ ମାସର ରାଶନ ସାମଗ୍ରୀ ପ୍ରଦାନ କରିଛନ୍ତି।

# ସ୍କୁଲ୍‌ରେ ତାଲା ପକାଇ ଅଭିଭାବକ, ଛାତ୍ରୀଛାତ୍ରଙ୍କ ଧାରଣା



ଧାରଣାରେ ବସିଥିବା ଛାତ୍ରୀଛାତ୍ର ଓ ଅଭିଭାବକ।

## ଶିକ୍ଷକ ବଦଳିକୁ ବିରୋଧ

**ବାଲିକୁଦା,୧୭।୧୧(ତାପସ ସ୍ୱାଇଁ)**

ବାଲିକୁଦାସ୍ଥିତ ତିତିରା ଉପ୍ରା ବିଦ୍ୟାଳୟରୁ ଶିକ୍ଷୟିତ୍ରୀଙ୍କୁ ଅନ୍ୟତ୍ର ବଦଳି କରିନିଆଯିବାରୁ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତାଙ୍କୁ ବଦଳି ସହ ଅନ୍ୟ ଜଣେ ସହକାରୀ ଶିକ୍ଷକଙ୍କୁ ବଦଳି କରିବା ଦାବିରେ ଅଭିଭାବକମାନେ ସୋମବାର ବିଦ୍ୟାଳୟ ସମ୍ମୁଖରେ ପିଲାମାନଙ୍କୁ ସାଙ୍ଗରେ ନେଇ ଧାରଣାରେ ବସିଥିଲେ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି ଆନ୍ଦୋଳନକାରୀମାନେ ଚେତାବନୀ ଦେଇଛନ୍ତି। ଖବରପାଇ ସିଆର୍‌ସିସି ବିଜୟ ସେଠୀ ଓ ସରପଞ୍ଚ ପ୍ରଣତିମଞ୍ଜରୀ ନାୟକ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିବା ସହ ମଙ୍ଗଳବାର ବୈଠକ ଡାକି ସମସ୍ୟାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି।

ଏହି ବିଦ୍ୟାଳୟରେ ଶିଶୁବାଟିକାଠାରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି । ମାତ୍ର ୪ ଶିକ୍ଷକରେ ବିଦ୍ୟାଳୟ ଚାଲୁଛି । ସେଥିରୁ ସହକାରୀ ଶିକ୍ଷୟିତ୍ରୀ ପ୍ରଣତୀ ରାଉତଙ୍କୁ ଡୋଭାଳ ପ୍ରାଥମିକ ବିଦ୍ୟାଳୟକୁ ବଦଳି କରିଦିଆଯାଇଛି । ଅନ୍ୟ ଜଣେ ସହକାରୀ ଶିକ୍ଷକ ଏଠାରେ ଠିକ୍ ଭାବେ ପଢ଼ାଉ ନ ଥିବା ଅଭିଯୋଗ ଆଣି ତାଙ୍କୁ ଏଠାରୁ ବଦଳି ପାଇଁ ଅଭିଭାବକମାନେ ଅଡ଼ିବସିଛନ୍ତି। ମଙ୍ଗଳବାର ବୈଠକ ଡାକି ଏହି ସମସ୍ୟାର ସମାଧାନ ପାଇଁ ଆଲୋଚନା କରାଯିବ ବୋଲି ଜଣାପଡ଼ିଛି।

# ରାତିରେ ଫେରିଲେ, ସକାଳୁ ଭାଙ୍ଗିଲେ



## ବେଆଇନ ନିର୍ମାଣ ଉଚ୍ଛେଦ ପ୍ରସଙ୍ଗ

**କୁଜଙ୍ଗ, ୧୭।୧୧(ମନୋଜ ପ୍ରଧାନ)**

ଏରସମା ତହସିଲ ଅନ୍ତର୍ଗତ ଢିଙ୍କିଆ ପ୍ରାଥମିକ ବିଦ୍ୟାଳୟ ଅପରପାର୍ଶ୍ୱରେ ଏକ ବେଆଇନ ନିର୍ମାଣକୁ ଉଚ୍ଛେଦ କରିବାକୁ ଯାଇ ରବିବାର ପ୍ରଶାସନକୁ ହଟହଟା ହେବାକୁ ପଡ଼ିଛି। ଶେଷରେ ଉଚ୍ଛେଦ କରି ନ ପାରି ରାତିରେ ଖାଲିହାତରେ ଫେରିଥିଲା । ସୋମବାର ସକାଳେ ବ୍ଲକ ପ୍ରଶାସନ ପୁନର୍ବାର ପୋଲିସ ଫୋର୍ସ ସହ ବେଆଇନ ନିର୍ମାଣସ୍ଥଳରେ ପହଞ୍ଚି ତାହାକୁ ଉଚ୍ଛେଦ କରିଛି। ଏରସମା ତହସିଲ ଅନ୍ତର୍ଗତ ଢିଙ୍କିଆ ପ୍ରାଥମିକ ବିଦ୍ୟାଳୟ ସନ୍ନିକଟ ସରକାରୀ ଜାଗା ଖାତା ନଂ. ୭୦୨ ଓ ପ୍ଲଟ୍ ନମ୍ବର ୧୦୨୮ରେ ବେଆଇନ ଭାବେ ଗୃହ ନିର୍ମାଣ କରାଯାଉଥିଲା । ଖବରପାଇ ରବିବାର ଅପରାହ୍ନରେ ଏରସମା ତହସିଲଦାର ସ୍ନିଗ୍ଧା ଶ୍ରଦ୍ଧାଞ୍ଜଳି ବେହେରା ଏବଂ ଅଭୟଚାନ୍ଦପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ । ତାହାକୁ ଉଚ୍ଛେଦ କରିବା ପାଇଁ ପ୍ରଶାସନିକ ଅଧିକାରୀମାନେ ବାହାରିବାରୁ ବିରୋଧର ସମ୍ମୁଖୀନ ହୋଇଥିଲେ। ଶେଷରେ ବାଧହୋଇ ରାତି ପ୍ରାୟ ୯ଟାରେ ଫେରିଆସିଥିଲେ। ପୁନର୍ବାର ସୋମବାର ସକାଳେ ତହସିଲଦାର ସ୍ନିଗ୍ଧା ଓ ପୋଲିସ ଫୋର୍ସ ପହଞ୍ଚି ପ୍ରଥମେ ହାତରେ ଇଟା ତାଡ଼ିଥିବା ବେଳେ ଜେସିବି ପହଞ୍ଚିବା ପରେ ସମ୍ପୂର୍ଣ୍ଣ ଘରକୁ ଭାଙ୍ଗି ଦେଇଛନ୍ତି। ବେଆଇନ ଭାବେ ନିର୍ମାଣ କରଥିବା ଯୁବକମାନେ ଉଚ୍ଛେଦ ସମୟରେ ସେଠାରେ ଉପସ୍ଥିତ ଥିଲେ ମଧ୍ୟ ରବିବାର ଭଳି ବିରୋଧ ନ କରି ନୀରବଦ୍ରଷ୍ଟା ସାଜିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି ଉଚ୍ଛେଦ ସମୟରେ ଅତିରିକ୍ତ ତହସିଲଦାର ଦେବେନ୍ଦ୍ର ପାଲ୍, ଅଭୟଚାନ୍ଦପୁର ଥାନା ଅଧିକାରୀ ସମୀର କୁମାର ରାଉତ, ସମ୍ପୃକ୍ତ ନୂଆଗାଁ ରାଜସ୍ୱ ନିରୀକ୍ଷକ ଶ୍ରୀନିବାସ ସ୍ୱାଇଁଙ୍କ ସମେତ ଅନ୍ୟ ରାଜସ୍ୱ କର୍ମଚାରୀ ଓ ପୋଲିସ ଫୋର୍ସ ଉପସ୍ଥିତ ଥିଲେ।

# ସରକାରୀ ଯୋଜନା କାର୍ଯ୍ୟକାରୀ ହେଲେ ଆତ୍ମନିର୍ଭରଶୀଳ ହେବା



ମତ୍ସ୍ୟ ପ୍ରାଣିସମ୍ପଦ ମେଳାରେ ମଞ୍ଚାସୀନ ଅତିଥି।

## ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା

**ନାଉଗାଁ,୧୭।୧୧(ସୁଧା ବେହୁରା)**

ଗ୍ରାମାଞ୍ଚଳ ଜନସାଧାରଣଙ୍କ ପାଇଁ ସରକାରଙ୍କ ତରଫରୁ ଅନେକ ଯୋଜନା କରାଯାଇଛି। ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଦୃଢ଼ ଇଚ୍ଛାଶକ୍ତି ଆବଶ୍ୟକ। ଏହା କାର୍ଯ୍ୟକାରୀ ହୋଇପାରିଲେ ଆମ୍ଭେମାନେ ଆତ୍ମନିର୍ଭରଶୀଳ ହୋଇପାରିବା ସହ ଦେଶକୁ ଆତ୍ମନିର୍ଭରଶୀଳ କରିପାରିବା ବୋଲି ନାଉଗାଁ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳାରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ କହିଛନ୍ତି। ବିଡିଓ ନିରଞ୍ଜନ ପରିଡ଼ାଙ୍କ ସଭାପତିତ୍ୱରେ ଆୟୋଜିତ ମେଳାରେ ଜଗତ୍‌ସିଂହପୁର ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡ.ଅଜୟ କୁମାର ସାହୁ, ବିଡିଓ ନିରଞ୍ଜନ ପରିଡା, ବ୍ଲକ ଅଧ୍ୟକ୍ଷା ତୃଷ୍ଣା ଲେଙ୍କା, ଉପାଧ୍ୟକ୍ଷା ସୁଜିତ ପୁହାଣ, ଏମ୍‌ପିଙ୍କ ପ୍ରତିନିଧି ଲଲାଟେନ୍ଦୁ ପରିଡା, ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ନିରୋଦ କୁମାର ସାହୁ ପ୍ରମୁଖ ଯୋଗଦେଇ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ଦ୍ୱାରା ହିତାଧିକାରୀମାନଙ୍କୁ ସରକାରଙ୍କ ତରଫରୁ ଯୋଗାଇ ଦିଆଯାଉଥିବା ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ। ଉକ୍ତ ମେଳାରେ ଚାଷୀମାନଙ୍କୁ ଉତ୍ସାହିତ କରିବା ପାଇଁ ବିଭିନ୍ନ ବିଭାଗ ପକ୍ଷରୁ ଷ୍ଟଲ ଖୋଲାଯାଇଥିଲା। ବିଶେଷ କରି କୃଷି ବିଭାଗର କୃଷି ଯନ୍ତ୍ରପାତି, ଉଦ୍ୟାନ ବିଭାଗ ପକ୍ଷରୁ ବିଭିନ୍ନ ପ୍ରକାର ଚାରା, ମିଶନ ଶକ୍ତି ମହିଳା ସ୍ୱୟଂ ସହାୟିକା ଦଳ ପକ୍ଷରୁ ଖାଦ୍ୟ ସାମଗ୍ରୀ, ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ଘାସ ଚାଷ, ଗୋ–ପାଳନ, କୁକୁଡା ପାଳନ, ମତ୍ସ୍ୟ ବିଭାଗ ପକ୍ଷରୁ ମତ୍ସ୍ୟ ଚାଷ ଆଦି ପ୍ରଦର୍ଶିତ କରାଯାଇଥିଲା। ସେହିପରି ଉକ୍ତ ମେଳାରେ ଯୋଗଦେଇଥିବା ଚାଷୀମାନେ ଚାଷ ଓ ବିଭିନ୍ନ ଯୋଜନା ସମ୍ବନ୍ଧରେ ମଞ୍ଚାସୀନ ଅତିଥିମାନଙ୍କୁ ଚାଷ ସମ୍ବନ୍ଧୀୟ ବିଭିନ୍ନ ପ୍ରକାର ପ୍ରଶ୍ନ ପଚାରିଥିଲେ। ପରେ ଅତିଥିମାନଙ୍କ ଦ୍ୱାରା ୮ଜଣ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ଓଷକଣା ପଞ୍ଚାୟତର ଦେବାଶିଷ ମହାନ୍ତିଙ୍କୁ ସବ୍‌ସିଡି ବାବଦରେ ୧ଲକ୍ଷ ୩୮ହଜାର ୨୪୦ଟଙ୍କା ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ କନିଷ୍ଠ ମତ୍ସ୍ୟ ବୈଷୟିକ ସହାୟକ ସ୍ମୃତିରଞ୍ଜନ ବାରିକ ଧନ୍ୟବାଦ ପ୍ରଦାନ କରିଥିବା ବେଳେ କାର୍ଯ୍ୟକ୍ରମକୁ ପ୍ରାଣୀ ନିରୀକ୍ଷକ ସଂଗ୍ରାମ ରାଉତ, ବୈଷ୍ଣବ ମହାରଣା, ଗୌତମ ବାରିକ, ମନୋରଞ୍ଜନ ସ୍ୱାଇଁ, ଶୁଭ୍ରାଂଶୁ ମଲ୍ଲିକ, ରଶ୍ମିରଂଜନ ମଲ୍ଲିକ, ଅନ୍ନପୂର୍ଣ୍ଣା ଦାସ, ସିପ୍ରା ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

# ଭରଣ ପୋଷଣ, କଲ୍ୟାଣ ଆଇନ ସମ୍ବନ୍ଧୀୟ ଆଲୋଚନାଚକ୍ର

**କୁଜଙ୍ଗ, ୧୭।୧୧(ମନୋଜ ପ୍ରଧାନ)**

କୁଜଙ୍ଗ ତାଲୁକ ଆଇନ ସେବା କମିଟି ପକ୍ଷରୁ ସୋମବାର ମା'ବାପା ଏବଂ ବରିଷ୍ଠ ନାଗରିକଙ୍କ ଭରଣ ପୋଷଣ ଓ କଲ୍ୟାଣ ଆଇନ–୨୦୦୭ ସମ୍ବନ୍ଧୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କୁଜଙ୍ଗ ଓକିଲ ସଂଘ ସଭାଗୃହରେ ଅତିରିକ୍ତ ଜିଲା ଓ ଦୌରାଜଜ୍ ଦୀପ୍ତିପ୍ରକାଶ ବ୍ରହ୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ବରିଷ୍ଠ ଦେୱାନୀ ଅଦାଲତର ବିଚାରପତି ଅବକାଶ ଚୌଧୁରୀ, କନିଷ୍ଠ ଦେୱାନୀ ଅଦାଲତ ବିଚାରପତି ଡ.ବିଶ୍ୱଭୂଷଣ ନାୟକ, ଜେଏମ୍ଏଫ୍‌ସି ରାଜେଶ ମିଶ୍ର ଯୋଗଦେଇ ଭରଣ ପୋଷଣ ଓ କଲ୍ୟାଣ ଆଇନ–୨୦୦୭ର ବିଭିନ୍ନ ଦିଗ ଓ କାର୍ଯ୍ୟକାରିତା ଉପରେ ଆଲୋକପାତ କରିଥିଲେ। ବରିଷ୍ଠ ଆଇନଜୀବୀ ଅମୃତ ଦାସ, ରମେଶ ଚନ୍ଦ୍ର ଦାସ, ସତ୍ୟାନନ୍ଦ ପରିଡ଼ା, କୈଳାଶ ପରିଡ଼ା ଏବଂ ଓକିଲ ସଂଘ ସମ୍ପାଦକ ବ୍ରଜକିଶୋର ରାଉତ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ତାଲୁକ ଆଇନ ସେବା କମିଟି ରିଟେନର ଆଇନଜୀବୀ ନୃସିଂହ ପ୍ରଧାନ ଏହାକୁ ପରିଚାଳନା କରିଥିବାବେଳେ ସମସ୍ତ ପ୍ୟାନେଲ ଲୟାର ଓ ପାରା ଲିଗାଲ ସ୍ୱେଚ୍ଛାସେବୀ ଅଟଳ ଦାସ ଓ ରଞ୍ଜନ ଦାସ ଉପସ୍ଥିତ ଥିଲେ।

# ରକ୍ତଦାନ ଶିବିର: ୧୫୨ ୟୁନିଟ ସଂଗୃହୀତ

**ପାରାଦୀପ,୧୭।୧୧(ଶରତ ରାଉତ)**

ଇଫ୍‌କୋ ୟୁନିଟ ସମୂହର ମ୍ୟାନେଜିଂ ଡାଇରେକ୍ଟର (ଏମ୍‌ଡି) କେ.ଜେ. ପଟେଲଙ୍କ ସୋମବାର ଜନ୍ମଦିନ ଥିଲା। ଏହି ଅବସରରେ କମ୍ପାନୀ ପାରାଦୀପ ୟୁନିଟ ପରିସରରେ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଏହାକୁ ୟୁନିଟ ମୁଖ୍ୟ ପ୍ରଦୀପ କୁମାର ମହାପାତ୍ର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଅଧିକାରୀ ଏନ୍‌ଆର ନାୟକ, କେ.ଆର. ଏନ୍.ମୂର୍ତ୍ତି, ଡା. ପୁଷ୍ପା ମହାନ୍ତି, ମାନବସମ୍ବଳ ଅଧିକାରୀ ବିଜୟ କୁମାର ପରିଡା, ୟୁନିୟନ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ଶିବିରରେ ୧୫୨ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା।


**ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର**

(ଗ୍ରାମ୍ୟ / ପୋଷ୍ଟ – ଆମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର – ୭୬୦୦୧୧, ଗଞ୍ଜାମ, ଓଡ଼ିଶା)

**OFFICE OF THE CHIEF CONSTRUCTION ENGINEER,**
**RURAL WORKS CIRCLE, BERHAMPUR**

(At/PO-Ambapua, Near Income Tax Office, Berhampur-760011, Ganjam, Odisha)
(E-Mail : serwbpr2004@yahoo.com, Tel No.: 0680-2404287)
No. e-tender : // 4131 // RWC // BAM // Dated.07.11.2025

**OFFICE ORDER**

**Bid Identification No. Online Tender/37-2025-26/BPR**

**No.O-1494** : Due to unavoidable circumstances, the tender invited vide this office Bid Identification No. Online Tender/37-2025-26/BPR is hereby cancelled.

Sd./- Chief Construction Engineer,
R.W. Circle, Berhampur

OIPR-



**OFFICE OF THE PANCHAYAT SAMITI, KUSUMI,**
Dist.-Mayurbhanj
Panchayati Raj & DW Department
Govt. of Odisha
**Short Tender Call Notice**

Tender Notice No.1/2025 Dt.15.11.2025

**No.i-381** : The Block Development Officer, Kusumi on behalf of Government of Odisha invites sealed tender on percentage rate basis from registered contractor of Odisha PWD/WR/RWD/NH/MI/CPWD for the following work in conformity with the detail tender call notice.

| Sl. No. | Name of Work | Estimated Amount Put to Tender | Class of Contractor |
|---|---|---|---|
| 1 | Development of Model Hato at Hatbadra G.P | 6355962 | B |

**Time Line**
Availability of tender document at **http://mayurbhanj.odisha.gov.in** from on dt.18.11.2025 to 05.12.2025
Last date of submission of tender document : Dt.09.12.2025 upto 05.00 P.M.
Date of Opening of Tender Paper : Dt.11.12.2025
Interested Contractors/bidders are requested to follow up the schedule given above.

OIPR- Sd./- BDO, Kusumi



**OFFICE OF THE TRANSPORT COMMISSIONER-CUM-CHAIRMAN STATE TRANSPORT AUTHORITY, ODISHA, CUTTACK**

**TENDER CALL NOTICE**

**Notice No. : LXVI-27/2022 16911 Date : 15.11.2025**

**No.JJ-66** : Bidders are invited for submission of bids for Selection of Agency for Providing Manpower for the office of Transport Commissioner and Sub-Ordinate Offices by the office of Transport Commissioner for online submission latest by **08.12.2025**.

For details, please visit the websites www.odishatransport.gov.in and www.gem.gov.in.

By the orders of
Transport Commissioner, Odisha

Sd./- Additional CommissionerTransport (Admin.)
STA, Odisha, Cuttack

OIPR-


# ଅନ୍ତେବାସୀଙ୍କୁ ବାହାରିଯିବାକୁ ଗ୍ରାମବାସୀଙ୍କ ତାଗିଦ



ଶାଳିଜଙ୍ଗା ମହିମା ଆଶ୍ରମରେ ଗ୍ରାମବାସୀଙ୍କ ସହ ପୋଲିସ ଆଲୋଚନା କରୁଛି।

## ଶାଳିଜଙ୍ଗା ମହିମା ଆଶ୍ରମରେ ଚାପା ଉତ୍ତେଜନା

- ଆଶ୍ରମ ଜମି ହଡ଼ପ ନେଇ ଥାନାରେ ଅଭିଯୋଗ
- ଆଶ୍ରମରୁ ବାବା ନିଖୋଜ

**ନାଉଗାଁ,୧୭।୧୧(ସୁଧା ବେହୁରା)**

ଶାଳିଜଙ୍ଗା ମହିମା ଆଶ୍ରମ ବାବା ଗଦାଧର ଦାସ ନିଖୋଜ ହୋଇଯାଇଥିବା ନେଇ ଆଶ୍ରମର ଅନ୍ତେବାସୀ ହେମନ୍ତ ଦାସ ଜଗତ୍‌ସିଂହପୁର ଜିଲା ନାଉଗାଁ ଥାନାରେ ନଭେମ୍ବର ୧୨ରେ ଲିଖିତ ଅଭିଯୋଗ କରିଥିଲେ। ବର୍ତ୍ତମାନ ସୁଦ୍ଧା ବାବା ଆଶ୍ରମକୁ ଫେରି ନ ଥିବା ବେଳେ ସୋମବାର ଆଶ୍ରମ ପରିସରରେ ଥିବା ଅନ୍ତେବାସୀଙ୍କୁ ଆଶ୍ରମ ଛାଡ଼ିଯିବାକୁ ଗ୍ରାମବାସୀ ତାଗିଦ୍ କରିଛନ୍ତି। ଏନେଇ ଆଶ୍ରମ ପରିସରରେ ଚାପା ଉତ୍ତେଜନା ଦେଖିବାକୁ ମିଳିଛି। ନାଉଗାଁ ପୋଲିସ ଆଶ୍ରମରେ ପହଞ୍ଚି ଗ୍ରାମବାସୀ ଓ ଅନ୍ତେବାସୀଙ୍କ ସହ ଆଲୋଚନା କରିବା ପରେ ଆଶ୍ରମ ପରିସର ଶାନ୍ତ ପଡ଼ିଥିଲା। ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ, ନଭେମ୍ବର ୧୧ ରାତିରୁ ବାବା ଆଶ୍ରମରୁ କୁଆଡ଼େ ପଳାଇଛନ୍ତି ଅଥବା ତାଙ୍କୁ କିଏ ଅପହରଣ କରିନେଇଛନ୍ତି, ଏପର୍ଯ୍ୟନ୍ତ ତାହାର କୌଣସି ସୂଚନା ମିଳିନାହିଁ। ତେଣୁ ଆଶ୍ରମର ଅନ୍ତେବାସୀ ବାବାଙ୍କ ଅନୁପସ୍ଥିତିରେ ଆଶ୍ରମରେ କ'ଣ ପାଇଁ ରହିବେ। ସେ ନ ଫେରିବା ପର୍ଯ୍ୟନ୍ତ ଆଶ୍ରମ ଛାଡ଼ି ଚାଲିଯିବାକୁ ଅନ୍ତେବାସୀଙ୍କୁ ଗ୍ରାମର ଶତାଧିକ ମହିଳା କହିଛନ୍ତି। ଖବରପାଇ ନାଉଗାଁ ଥାନାଧିକାରୀ ନୀଳମଣି ନାୟକ ଘଟଣାସ୍ଥଳରେ ପହଞ୍ଚି ଆଲୋଚନା କରିବା ପରେ ଆଶ୍ରମ ପରିସର ଶାନ୍ତ ପଡ଼ିଛି।

ସୂଚନାଯୋଗ୍ୟ, ଆଶ୍ରମରେ ଦେଖାଦେଇଥିବା ବିଶୃଙ୍ଖଳା ଓ ଜମି ହଡ଼ପ ସମ୍ପର୍କରେ ଅକ୍ଟୋବର ୨୬ରେ ଗ୍ରାମବାସୀ ମଠାଧୀଶ ବାବା ଗଦାଧର ଦାସଙ୍କ ନାମରେ ପୃଥକ୍ ଭାବେ ନାଉଗାଁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ଥାନା ପକ୍ଷରୁ ଅଭିଯୋଗ କରାଯାଇଥିବା ରୀନା ମା' ଓ ମାନସ ଦାସଙ୍କ ସହ ଆଲୋଚନା କରାଯିବ ବୋଲି ଥାନାଧିକାରୀ ପ୍ରଦୀପ୍ତ କାନୁନ୍‌ଗୋ ସୂଚନା ଦେଇଥିଲେ। ନଭେମ୍ବର ୧ରେ ଥାନା ପରିସରରେ କେତେଜଣ ଗ୍ରାମବାସୀ, ଆଶ୍ରମର ଅନ୍ତେବାସୀ, ରୀନା ମା', ମାନସ ଦାସଙ୍କ ସହ ଥାନାଧିକାରୀ କାନୁନ୍‌ଗୋ ଓ ଅତିରିକ୍ତ ତହସିଲ୍‌ଦାର ଶରତ ପରିଡ଼ାଙ୍କ ଉପସ୍ଥିତିରେ ଆଲୋଚନା କରାଯାଇଥିଲା। ଥାନାଧିକାରୀଙ୍କ ଦ୍ୱାରା ଆଶ୍ରମର ସମସ୍ତ ଜମିର ରେକର୍ଡପତ୍ର ଜବତ କରାଯାଇଥିଲା। ଆଲୋଚନାରେ କୌଣସି ସମାଧାନ ହୋଇପାରି ନ ଥିବା ବେଳେ ନଭେମ୍ବର ୧୧ରେ ପୁନର୍ବାର ଆଲୋଚନା କରିବାକୁ ସ୍ଥିର କରାଯାଇଥିଲା। ଉକ୍ତ ଆଲୋଚନାରେ ପ୍ରଶାସନିକ ଅଧିକାରୀଙ୍କ ସହ ଶିଖର ପଞ୍ଚାୟତ ସରପଞ୍ଚ, ସମିତି ସଭ୍ୟ, କେତେଜଣ ଗ୍ରାମବାସୀ ଓ ଆଶ୍ରମବାସୀଙ୍କୁ ନେଇ ଏକ କମିଟି ଗଠନ କରାଯିବା ପାଇଁ ନିଷ୍ପତ୍ତି ହୋଇଥିଲା। କମିଟିର ସଦସ୍ୟମାନଙ୍କ ସହ ରୀନା ମା' ଓ ମାନସ ଦାସଙ୍କ ଉପସ୍ଥିତିରେ ଆଲୋଚନା କରାଯାଇ ହଡ଼ପ ହୋଇଥିବା ଜମି ଯାଞ୍ଚ କରାଯାଇ ଆଶ୍ରମକୁ ଫେରସ୍ତ କରିବାକୁ ବ୍ୟବସ୍ଥା କରାଯିବ ବୋଲି ଥାନାଧିକାରୀ କାନୁନ୍‌ଗୋ ସୂଚନା ଦେଇଥିଲେ। କିନ୍ତୁ ଉକ୍ତ ଦିନ ଥାନା ପରିସରରେ ନିର୍ଦ୍ଧାରିତ ସମୟରେ ସମସ୍ତେ ଉପସ୍ଥିତ ଥିଲାବେଳେ ରୀନା ମା' ଓ ମାନସ ଆସି ନ ଥିଲେ। ଫଳରେ କୌଣସି ଆଲୋଚନା ହୋଇପାରି ନ ଥିଲା। ଏଥିଯୋଗୁ ଉପସ୍ଥିତ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୁନର୍ବାର ସେମାନଙ୍କୁ ଡକାଯିବା ପାଇଁ ନିଷ୍ପତ୍ତି ହୋଇଥିଲା। ଥାନାରେ କରାଯାଇଥିବା ଅଭିଯୋଗ ସମ୍ପର୍କରେ ପ୍ରଦୀପ୍ତ କାନୁନ୍‌ଗୋଙ୍କୁ ପଚାରିବାରେ ଅଭିଯୋଗ ଉପରେ ତଦନ୍ତ ଜାରି ରହିଛି ବୋଲି ସେ କହିଛନ୍ତି।


No.C-1492

**CUTTACK MUNICIPAL CORPORATION**

**"e" PROCUREMENT NOTICE**

**Tender Call Notice No. 14876 (PW) Date : 15.11.2025**
**Tender ID : 2025_ORULB_121312**
**Bid Value : Rs.3.29 Lakhs to Rs.13.28 Lakhs**

Date and Time schedule :

| Start | End | Opening |
|---|---|---|
| 11.00 A.M. on dt.18.11.2025 | 5.00 P.M. on dt.27.11.2025 | 11.00 A.M. on dt.01.12.2025 |

Tender Details : Can be seen from the procurement portal : **www.tendersorissa.gov.in**

Sd./- Executive Engineer
City Division-II,
CMC

OIPR-



**DISTRICT PROJECT OFFICE, SAMAGRA SHIKSHA, BALANGIR**

AT - COLLEGE CHOWK, PO-DIST : BALANGIR, 767001
Email ID : dpcbolangirssa.opepa@nic.in
No. XXIII / KGBV / 01 / 2025 / 3469/Dt: 15.11.2025

**NOTIFICATION FOR PUBLICATION OF PROVISIONAL MERIT LIST AND FINAL REJECT LIST OF THE APPLICANTS APPLIED FOR DIFFERENT VACANT POSTS UNDER KGBV HOSTELS (TYPE-III) - 2025**

**No.n-195** : In continuance to this Office Advertisement No. 1880 dated 25.06.2025 & Notification No.2539 dated 06.09.2025, it is hereby informed to all Applicants concerned, who had applied for different vacancies under KGBV Hostels (Type-III) of Balangir District, that the **Provisional Merit List and Final Reject List of the Applicants** are available in OSEPA and Balangir District websites i.e. www.osepa.odisha.gov.in and www.balangir.odisha.gov.in. All applicants are hereby requested to go through the list accordingly. The detail schedule of the **Written Test, Viva-voce Test and Original Certificates / Documents Verification**, as the case may be, for selection of the posts advertised, is enclosed herewith at **ANNEXURE-1** and all candidates, found place in the Provisional Merit List, are requested to go through the date schedule carefully and attend the same as per schedule, without fail. If any candidate, found place in the Prov. Merit List, failed to attend the Written Test, Viva-voce Test and Original Certificates / Documents verification, as the case may be, as per date schedule fixed for the purpose, her candidature shall not be taken into consideration, whatsoever the reason may be.

By Order of the
Collector-cum-Chairman,
Samagra Shiksha, Balangir

Sd./- District Education Officer & DPC,
Samagra Shiksha, Balangir

OIPR-



No.A-899

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER, BARGARH IRRIGATION DIVISION, BARGARH**

e-mail : eecanalbgh11@gmail.com

**e-Procurement Notice No. BID-05/2025-26 dt.13.11.2025**

1. Name of the work : Improvement of canal
2. Total No. of works : 1 No.
3. Estimated cost : Rs.36.78 Lakh (approx)
4. Class of contractor : "C" and "B" class
5. Period of completion : 60 days excluding canal opening period
6. EMD required : Rs.36,800.00
7. Online for bidding : 19.11.2025 at 10.00 A.M. to 28.11.2025 up to 05.00 P.M.
8. Last date & time of seeking of tander clarification : Dt.25.11.2025 upto 01:00 P.M.
9. Date & time of opening of tender : Dt.29.11.2025 at 11.00 A.M.

Other details can be seen from the website **https://tendersodisha.gov.in**

Sd./- Superintending Engineer
Bargarh Irrigation Division, Bargarh

OIPR-



**OFFICE OF THE SUPERINTENDING ENGINEER, KHORDHA (R&B) DIVISION, KHORDHA**

**INVITATION FOR BIDS (IFB)**

E-mail : pwdoff_khd@yahoo.com

**Tender Call Notice**
**Bid Identification No. S.E.-KHD-(R&B)-27/25-26**
**Letter No. 6375 dtd. 10.11.2025**

**No.B-685** : The **Superintending Engineer, Khordha (R&B) Division, Khordha** on behalf of Governor of Odisha invites **Percentage rate bids in Single Cover System from appropriate Class of contractors as detailed below** registered with the State Governments and Contractors of equivalent Grade / Class registered with Central Government / MES / Railways for execution of the **Civil**. The bidder not registered under the State Government has to register under the State PWD & ELBO in appropriate class of eligiblity before signing of the agreement.

1. Nature of Work : **Civil Work**
2. No. of Work : 2 Nos.
3. Tender Cost : Rs.6000.00 (Online)
4. Class of Contractor : Sl. No.01-C & B Class Contractor; Sl. No.02-'D' & C Class Contractor
5. Available of Bid documents in the Website : From Dt.18.11.2025 at 12.00 Noon to Dt.27.11.2025 at 5.00 P.M.
6. Date of opening of Bids : Dt.28.11.2025 at 11.00 A.M.
7. Bidders have to participate in ONLINE bidding only. Further details can be seen from the Website : https://tenderodisha.gov.in. Any information regarding Addendum / Corrigendum / Cancellation of tender can be available in the said website.

Sd./- Superintending Engineer
Khordha (R&B) Division, Khordha

OIPR-

# ମଙ୍ଗଳପୁର ପଞ୍ଚାୟତରେ ଅଭିଯୋଗ ଶୁଣାଣି

ଆସିକା, ୧୭।୧୧ (ସୁରେନ୍ଦ୍ର ନାଥ ସାହୁ)

ଆସିକା ବ୍ଲକର ମଙ୍ଗଳପୁର ପଞ୍ଚାୟତରେ ସୋମବାର ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଡିଓ ଲିପିନା ଦାସ ଅଧ୍ୟକ୍ଷତା କରିଥିଲେ। ଏଥିରେ ଜିଲା ନୋଡାଲ ଅଫିସର ରମେଶ ହାଂସଦା, ଅତିରିକ୍ତ ତହସିଲଦାର ସୌଦାଗର ବେହେରା, ଆସିକା ଥାନା ଅଧିକାରୀ କୁଳମଣି ସେଠୀ, ସରପଞ୍ଚ ଦେବରାଜ ନାୟକ, ସମିତିସଭ୍ୟ ଗାୟତ୍ରୀ ଆଚାର୍ଯ୍ୟ ଉପସ୍ଥିତ ଥିଲେ। ଏହି ଅଭିଯୋଗ ଶୁଣାଣିରେ ଗ୍ରାମର ବିଭିନ୍ନ ବର୍ଗର ବ୍ୟକ୍ତି ସେମାନଙ୍କ ଅଭିଯୋଗ ଦାଖଲ କରିଥିଲେ। ମୋଟ ୧୯ଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରେ ଭତ୍ତା, ଆବାସ, ସୁଭଦ୍ରା ଯୋଜନା, ରାଶନ କାର୍ଡ, ଏମଜିଏନଆରଇଜିଏସ୍, ରାଜସ୍ୱ ବିଭାଗ ଏବଂ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନେଇ ଅଭିଯୋଗ ରହିଥିବା ପଞ୍ଚାୟତ ଉନ୍ନୟନ ଅଧିକାରୀ ସାହୁ କହିଛନ୍ତି। ଜିପିଡିଓ ରାଜଶ୍ରୀ ସାହୁ, ବ୍ଲକ କୃଷି ଅଧିକାରୀ ବାସୁଦେବ ସାହୁ, ଯୋଗାଣ ଅଧିକାରୀ ସର୍ମିଷ୍ଠା ଦଳବେହେରା, ବନପାଳ ଶରତ ଚନ୍ଦ୍ର ବେହେରାଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ସୌମ୍ୟ ରଞ୍ଜନ ମଲିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ମଧୁବନ ମିନି ଷ୍ଟାଡିୟମରେ ମେଳା, ମହୋତ୍ସବ ବନ୍ଦ ନେଇ ଖବରଦାତା ସମ୍ମିଳନୀ

ଖଣ୍ଡପଡ଼ା ୧୭।୧୧ (ଅଜୟ କୁମାର ମହାରଣା)



ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

ଖଣ୍ଡପଡ଼ା ମଧୁବନ ମିନି ଷ୍ଟାଡିୟମରେ ବର୍ଷର ବିଭିନ୍ନ ସମୟରେ ମେଳା, ମହୋତ୍ସବ ଆଦି ଆୟୋଜନ କରାଯାଉଥିବାରୁ ଷ୍ଟାଡିୟମ କ୍ରୀଡାଙ୍ଗନର ଅବସ୍ଥା ବେଳକୁ ବେଳ ଶୋଚନୀୟ ହୋଇ ପଡୁଛି। ଫଳରେ ମିନି ଷ୍ଟାଡିୟମ ପରିସରରେ ଫୁଟବଲ ଓ କ୍ରିକେଟ ଟୁର୍ନାମେଣ୍ଟ ଆୟୋଜନ ନେଇ ଆୟୋଜକମାନେ ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ କ୍ରୀଡାବିତମାନେ ଦୈନିକ ଖେଳକୁଦ ନିମନ୍ତେ ସମସ୍ୟା ହେଉଥିବା ଜଣାପଡିଛି। ତେଣୁ କ୍ରୀଡାଙ୍ଗନର ସୁରକ୍ଷା ନିମନ୍ତେ ମଧୁବନ ମିନି ଷ୍ଟାଡିୟମରେ ମେଳା ଓ ମହୋତ୍ସବ ଆଦି ସଂପୂର୍ଣ୍ଣ ବନ୍ଦ ନିମନ୍ତେ ଖଣ୍ଡପଡ଼ା ତହସିଲ ପ୍ରଶାସନ ଓ ନୟାଗଡ ଜିଲାପାଳ ଦୃଷ୍ଟି ଦେବାକୁ ଦାବି ହେଉଛି। ଖଣ୍ଡପଡ଼ା ପୂର୍ତ୍ତ ବିଭାଗ ବଙ୍ଗଳାରେ ଏକ ଖବରଦାତା ସମ୍ମିଳନୀ ସୋମବାର ଅନୁଷ୍ଠିତ ହୋଇଯାଇଛି । ଆଇନଜୀବୀ ବିଧାନ ଚନ୍ଦ୍ର ପ୍ରଧାନଙ୍କ ଆବାହକତ୍ୱରେ ଆୟୋଜିତ ଖବର ଦାତା ସମ୍ମିଳନୀରେ ଖଣ୍ଡପଡ଼ା ସହରର ଯୁବକ, ସ୍ୱେଚ୍ଛାସେବୀ ଓ ବରିଷ୍ଠ କ୍ରୀଡାବିତ୍‌ମାନେ ଯୋଗଦେଇ ମତାମତ ଦେବା ସହ ମଧୁବନ ମିନି ଷ୍ଟାଡିୟମରେ ମେଳା ଓ ମହୋତ୍ସବ ଆଦି ଆୟୋଜନକୁ ବିରୋଧ କରିଥିଲେ। ଖଣ୍ଡପଡ଼ା ମହୋତ୍ସବ ହେଉ ମାତ୍ର ମଧୁବନ ମିନି ଷ୍ଟାଡିୟମ୍‌ରେ ମହୋତ୍ସବର ଆୟୋଜନ କରାନଯାଇ ଅନ୍ୟ ସ୍ଥାନରେ ମହୋତ୍ସବ ନିମନ୍ତେ ପ୍ରଶାସନ ଦୃଷ୍ଟି ଦେଉ ବୋଲି ସମ୍ମିଳନୀରେ ମତ ପ୍ରକାଶ ପାଇଥିଲା। ଜିଲା ପ୍ରଶାସନ ଏ ଦିଗରେ ତୁରନ୍ତ ଧ୍ୟାନଦେଇ ପଦକ୍ଷେପ ଗ୍ରହଣ ନ କଲେ ଆଗାମୀ ଦିନରେ ଆଇନର ଆଶ୍ରୟ ନିଆଯିବ ବୋଲି ପ୍ରଧାନ ଗଣମାଧ୍ୟମର ପ୍ରତିନିଧିଙ୍କ ଆଗରେ ପ୍ରକାଶ କରିଥିଲେ।

# ସ୍ୱାମୀଙ୍କ ମୃତ ସାର୍ଟିଫିକେଟ ମାଗିବାରୁ ଘରୁ ସ୍ତ୍ରୀଙ୍କ କାଢ଼ିଦେଲେ

ନୟାଗଡ଼, ୧୭।୧୧ (ଲୋକନାଥ ମିଶ୍ର)

- ପିକ୍‌ଅପ୍ ଭ୍ୟାନର କିସ୍ତି ଛାଡ଼ ପାଇଁ ଆବେଦନ କରିବାର ଥିଲା
- ଥାନାରେ ଅଭିଯୋଗ ପରେ ରୁଜୁ ହେଲା ମାମଲା

ଶରଣକୁଳ ଥାନା ଗୋଡିପଡ଼ା ଟାଙ୍ଗିସାହିରେ ଜଣେ ମହିଳା ସ୍ୱାମୀଙ୍କ ମୃତ ସାର୍ଟିଫିକେଟ ସହ ଅନ୍ୟ କାଗଜାତ ମାଗିବାରୁ ଶାଶୁ ଘର ପକ୍ଷରୁ ମାରପିଟ୍ କରି ଘରୁ କାଢ଼ି ଦିଆଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ଅଭିଯୋଗ ପରେ ପୋଲିସ ନଂ. ୨୪୫/୨୫ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ଅନୁସାରେ, ଖଣ୍ଡପଡ଼ା ଥାନା ଖଳିସାହି ଗାଁର ବିଜୟ କୁମାର ସାହୁଙ୍କ ଝିଅ ବର୍ଷାରାଣୀ(୨୦) ଗୋଡିପଡ଼ା ଟାଙ୍ଗିସାହିର ଲକ୍ଷ୍ମୀଧର ସାହୁଙ୍କ ପୁଅ ବାପିନା (୩୨)ଙ୍କୁ ବିବାହ କରିଥିଲେ। ଭୁବନେଶ୍ୱରରେ ଏହି ଦମ୍ପତି ପ୍ରଥମେ ଲିଭିଂ ରିଲେଶନ ସିପ୍‌ରେ ଥିଲେ। ୨ ବର୍ଷ ପରେ ଉଭୟ ପରିବାରର ସହମତିରେ ବିବାହ ହୋଇଥିଲା। ବରପକ୍ଷର ଦାବି ମୁତାବକ ଯୌତୁକ ଦିଆଯାଇଥିଲା। ଅଗଷ୍ଟ ୧୮ରେ ବାପିନା ମୃତ୍ୟୁ ହୋଇଥିଲା। ସ୍ୱାମୀଙ୍କ ମୃତର ୧୨ ତମ ଦିବସରେ ଶାଶୁ ମେଳ ସାହୁ ଓ ଶ୍ୱଶୁର ଲକ୍ଷ୍ମୀଧର ସାହୁ ମିଳିତ ହୋଇ ଘରୁ ବର୍ଷାରାଣୀଙ୍କୁ ତଡି ଦେଇଥିଲେ । ବର୍ଷା ବାପ ଘରେ ରହୁଥିଲେ। ଏଭଳିସ୍ଥଳେ ବଡ଼ ନଣନ୍ଦ ସନ୍ଧ୍ୟାରାଣୀ ଓ ନଣନ୍ଦେଇ କ୍ରୀଷ୍ଣା ସାହୁ ବର୍ଷାଙ୍କୁ ଅନ୍ୟତ୍ର ବିବାହ କରିବାକୁ ବାଧ୍ୟ କରାଉଛନ୍ତି। ତେବେ ସ୍ୱାମୀଙ୍କ ନାଁରେ ଏକ ପିକ୍‌ଅପ୍ ଭ୍ୟାନ ରହିଛି। ଯାହାର କିସ୍ତି ଡିପୋଜିଟ୍ ହେଉଛି। ମୃତ୍ୟୁ ପରେ ସ୍ୱାମୀ କିଣିଥିବା ପିକ୍‌ଅପ ଭ୍ୟାନର କିସ୍ତି ଛାଡ ହୋଇଯିବ। ତେବେ ଏଥିପାଇଁ ସ୍ୱାମୀଙ୍କ ମୃତ ସାର୍ଟିଫିକେଟ ସହ ଅନ୍ୟ କାଗଜାତ ଦରକାର ବୋଲି ବର୍ଷା କହିଛନ୍ତି।

# ଜୁଆ ଆଡ୍ଡାରେ ଚଢ଼ାଉ, ୧୧ ଗିରଫ

ଭଞ୍ଜନଗର, ୧୭।୧୧ (ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଭଞ୍ଜନଗର ଥାନା ଅଞ୍ଚଳରେ ଜୁଆଖେଳ ଥମୁନାହିଁ। ରବିବାର ରାତିରେ ପୋଲିସ ଭେରେଡାରେ ଚାଲିଥିବା ଜୁଆଖେଳ ସମ୍ପର୍କରେ ସୂଚନା ପାଇ ଚଢ଼ାଉ କରି ୧୧ ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୪୩,୮୪୦ ଟଙ୍କା, ୧୧ଟି ମୋବାଇଲ ଫୋନ୍, ୫ଟି ବାଇକ ଜବତ ହୋଇଛି। ଏନେଇ ପୋଲିସ ୧୨୨୪/୨୫ରେ ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଜାରି ରଖିଛି। ସେଠାରେ ଜୁଆଖେଳ ଚାଲିଥିବା ନେଇ ଥାନା ଅଧିକାରୀ ଜୀବନାନନ୍ଦ ଜେନାଙ୍କ ପାଖରେ ସୂଚନା ପହଞ୍ଚିଥିଲା। ପରେ ଏକ ଟିମ୍ ଗଠନ କରି ଜୁଆଆଡ୍ଡାରେ ଚଢ଼ାଉ କରାଯାଇଥିଲା।

# ଈପ୍ସିତା ୨ୟ, ଦେବସ୍ମିତା ତୃତୀୟ

## ପ୍ରାଦେଶିକ ବିଜ୍ଞାନମେଳା

ନୟାଗଡ, ୧୭।୧୧ (ଲୋକନାଥ ମିଶ୍ର)

ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନ ଓଡିଶା ଦ୍ୱାରା ଅନୁଷ୍ଠିତ ପ୍ରାଦେଶିକ ବିଜ୍ଞାନ ମେଳାରେ ନୟାଗଡ ରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ରର ୨ଜଣ ଛାତ୍ରୀଙ୍କ କୃତିତ୍ୱ ଦେଖିବାକୁ ମିଳିଛି । ଈପ୍ସିତା ସାଥୁଆଙ୍କ ପ୍ରକଳ୍ପ ୨ୟ ସ୍ଥାନ ପାଇଥିବା ବେଳେ ଦେବସ୍ମିତା ନାୟକଙ୍କ ପ୍ରକଳ୍ପ ୩ୟ ସ୍ଥାନ ହାସଲ କରଛି। ଖୁସି ଖବର ଜଣାପଡିବା ପରେ ଦୁଇ କୁନି ବୈଜ୍ଞାନିକଙ୍କୁ ଶିକ୍ଷାକେନ୍ଦ୍ର ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି ।


ସ୍କୁଲ ପକ୍ଷରୁ ଦୁଇଜଣଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ସାମନ୍ତ ଚନ୍ଦ୍ରଶେଖର ଶିକ୍ଷାକେନ୍ଦ୍ରର ରୌପ୍ୟ ଜୟନ୍ତୀ ଉତ୍ସବ ଉଦ୍‌ଯାପିତ

ଖଣ୍ଡପଡ଼ା, ୧୭।୧୧ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ସାମନ୍ତ ଚନ୍ଦ୍ରଶେଖର ଶିକ୍ଷାକେନ୍ଦ୍ରର ରୌପ୍ୟ ଜୟନ୍ତୀ ଉତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଉତ୍ସବର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟକ୍ରମରେ ଅତିଥି ଭାବେ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଯୋଗ ଦେଇ ଅନୁଷ୍ଠାନର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ଅନୁଷ୍ଠାନ ସଭାପତି ତଥା ଅବସରପ୍ରାପ୍ତ କଳା ଶିକ୍ଷକ ଲଡୁକିଶୋର ସିଂହସାମନ୍ତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ରାଜ୍ୟ ଶିକ୍ଷା ପରିଷଦ ସଭାପତି ପ୍ରଶାନ୍ତ କୁମାର ଦାଶ, ଶିଶୁକବି କାଶୀନାଥ ଦାସ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଶୈଳବାଳା ରଥ ପ୍ରମୁଖ ଯୋଗଦେଇଥିଲେ । ସେହିପରି ସନ୍ଧ୍ୟାରେ ଅନୁଷ୍ଠାନ ପ୍ରଧାନ ଆଚାର୍ଯ୍ୟ ବିଷ୍ଣୁପ୍ରସାଦ ରଥଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ତିରୁପତିସ୍ଥିତ ସଂସ୍କୃତ ବିଶ୍ୱବିଦ୍ୟାଳୟ ବରିଷ୍ଠ ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ, ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକ, ପଣ୍ଡିତ ମନୋଜ କୁମାର ଦାଶ, ଡାକ୍ତର ପ୍ରଦୀପ କୁମାର ପାଇକରାୟ, ସାମାଜିକ କର୍ମୀ ପ୍ରଦ୍ୟୁମ୍ନ କୁମାର ସିଂହସାମନ୍ତ ଓ ଅନୁଷ୍ଠାନ ସମ୍ପାଦକ ପ୍ରଶାନ୍ତ କୁମାର ସୁବୁଦ୍ଧି ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନଙ୍କ ଦ୍ୱାରା ଅନୁଷ୍ଠାନ ସ୍ମରଣିକା 'କୁସୁମ' ଉନ୍ମୋଚିତ ହୋଇଥିଲା । ସେହିପରି ଅନୁଷ୍ଠାନକୁ ଗଢ଼ି ତୋଳିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ମାନ୍ୟଗଣ୍ୟ ବ୍ୟକ୍ତି ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଏ ଅବସରରେ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ମାନପତ୍ର ପ୍ରଦାନକରି ସମ୍ମାନିତ କରାଯାଇଥିଲା। ଅତିଥିମାନଙ୍କ ଦ୍ୱାରା ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

# କନ୍ଧମେଳି ଭାରତ ମୁକ୍ତି ସଂଗ୍ରାମକୁ ଗତି ପ୍ରଦାନ କରିଥିଲା

ଫୁଲବାଣୀ, ୧୭।୧୧ (ରାକେଶ କୁମାର ରାଉତ)


ବାହାରିଥିବା ପଦଯାତ୍ରାରେ ସାମିଲ ହୋଇଥିବା ବ୍ୟକ୍ତିବିଶେଷ।

ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମ ବାର୍ଷିକୀ ପାଳନ ଅବରରରେ ଏକତା ପଦଯାତ୍ରା ଅନୁଷ୍ଠିତ ହୋଇଛି। ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପତାକା ଦେଖାଇ ଏହି ପଦଯାତ୍ରାର ଶୁଭାରମ୍ଭ କରିଛନ୍ତି। ଏହି ପଦଯାତ୍ରା ଜଗନ୍ନାଥ ମନ୍ଦିରରୁ ବାହାରି କରୋନେଶନ ପଡ଼ିଆରେ ଶେଷ ହୋଇଥିଲା। ଏହି ସମୟରେ ରାସ୍ତାର ପାର୍ଶ୍ୱରେ ରଙ୍ଗୋଲି, ଫ୍ୟାନ୍‌ସିଡ୍ରେସ୍ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଉଦ୍‌ଯାପନୀ ସଭାର ସମ୍ମାନିତ ଅତିଥି ଭାବେ କନ୍ଧମାଳ ଏମ୍‌ପି ସୁକାନ୍ତ କୁମାର ପାଣିଗ୍ରାହୀ, ଜିଲାପାଳ ବେଦଭୂଷଣ, ଏସ୍‌ପି ହରିଶ ବି.ସି. ଅତିରିକ୍ତ ଜିଲାପାଳ ରମେଶ କୁମାର ଜେନା, ମୁଖ୍ୟ ଜିଲା ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ସନ୍ତୋଷ କୁମାର ପାଢୀ, ପଣ୍ଡିତ ବିଶି ମାଝୀ ଯୋଗଦେଇଥିଲେ। ଏହି ଅବସରରେ ମନ୍ତ୍ରୀ କହିଛନ୍ତି ଯେ, କନ୍ଧମାଳ ମାଟିର ସ୍ୱତନ୍ତ୍ରତା ରହିଛି। ୧୮୩୬ ମସିହାରେ କନ୍ଧମେଳି ସାରା ଭାରତ ବର୍ଷର ମୁକ୍ତିସଂଗ୍ରାମକୁ ଗତି ପ୍ରଦାନ କରିଥିଲା। ପଦ୍ମଶ୍ରୀ ପୂର୍ଣ୍ଣମାସୀ ଜାନି ଏ ଦେଶକୁ ହେଉ ଅବା ବିଶ୍ୱକୁ ଆଧ୍ୟାତ୍ମିକତାର ଦିଗ୍ ଦର୍ଶନ ଦେଇଛନ୍ତି। କ୍ରିଡା ହେଉ କି ଶିକ୍ଷା, କଳା, ଏ ମାଟିରେ ମହକ ଅନନ୍ୟ। ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଯେଉଁଭଳି ଭାବରେ ଦଣ୍ଡଭେଦ ନୀତି, କୂଟନୀତି, ରାଜନୀତିକୁ ପ୍ରତିପାଦିତ କରି ନୂତନ ଭାରତ ସ୍ୱରୂପ ପ୍ରଦାନ କରିଛନ୍ତି ତାହା ଉତ୍ତରପିଢି ନିକଟରେ ଉତ୍ତରଣ କରିବା ଏହି ପଦଯାତ୍ରାର ଉଦ୍ଦେଶ୍ୟ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗି ଓ ସାଂସ୍କୃତିକ ଦଳମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଫୁଲବାଣୀ ପିଏ ଆଇଟିଡ଼ିଏ ଗଦାଧର ପାତ୍ର ଧନ୍ୟବାଦ ଦେଇଥିଲେ।

# ଜିଲାସ୍ତରୀୟ ଯୁବ ରେଡ୍‌କ୍ରସ ତାଲିମ ଶିବିର

ମୋହନା, ୧୭।୧୧ (ମନ୍ମଥ ମିଶ୍ର)

ମୋହନା ପିଏମଶ୍ରୀ ଏସ୍‌ଏସ୍‌ଡି ହାଇସ୍କୁଲଠାରେ ଜିଲାସ୍ତରୀୟ ଯୁବ ରେଡ଼କ୍ରସ ତାଲିମ ଶିବିର ଅନୁଷ୍ଠିତ ହୋଇଛି । ପ୍ରଧାନ ଶିକ୍ଷକ ସତ୍ୟ ରଞ୍ଜନ କରଙ୍କ ସଭାପତିତ୍ୱରେ ହୋଇଥିବା ତିନିଦିନିଆ ଶିବିରର ପ୍ରଥମ ଦିବସରେ ମୁଖ୍ୟ ଅତିଥି ପାରଳାଖେମୁଣ୍ଡି ଏସ୍‌କେସିଜି ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ଼. ରାଧାକାନ୍ତ ଭୂୟାଁ, ମୁଖ୍ୟବକ୍ତା ରୂପେ ବିଇଓ ନରେନ୍ଦ୍ର ବେହେରା, ସମ୍ମାନିତ ଅତିଥି ସମାଜିକ କର୍ମୀ ମଧୁସୁଦନ ପାଢ଼ୀ, ଯୁବ ରେଡ଼କ୍ରସ ପୂର୍ବତନ ଜିଲା ସମ୍ପାଦକ ସୁକାନ୍ତ ବେହେରା, ବି. ଗୋବିନ୍ଦ ରାଓ, ଅଧ୍ୟାପକ ପ୍ରଫେସର ଲୋକନାଥ ମହାନ୍ତି, ଯୁବ ରେଡ଼କ୍ରସ ଜିଲା ସମ୍ପାଦକ ବିପ୍ଳବ ରଞ୍ଜନ ପ୍ରଧାନ, ଅଧ୍ୟାପକ ଡ.ପ୍ରଦୀପ୍ତ ଷଡଙ୍ଗୀ, ପ୍ରମୋଦ ସ୍ୱାଇଁ ଉପସ୍ଥିତ ଥିଲେ । ସମାଜର ବିଭିନ୍ନ କ୍ଷେତ୍ରରେ ସେବା କରିବା ହିଁ ଯୁବ ରେଡ଼କ୍ରସର ମୂଳମନ୍ତ୍ର ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଦ୍ୱିତୀୟ ଦିବସରେ ସ୍ୱେଚ୍ଛାସେବୀମାନଙ୍କ ମଧ୍ୟରେ ନାଚ, ଗୀତ, ବକ୍ତୃତା, ରଙ୍ଗୋଲି, ଚିତ୍ରାଙ୍ଗନା ଆଦି ବିଭିନ୍ନ କାର୍ଯ୍ୟକ୍ରମ, ପ୍ରତିଯୋଗିତା, ହୋଇଥିଲା। ଯୁବ ସ୍ୱେଚ୍ଛାସେବୀଙ୍କୁ ତାଲିମ ଦିଆଯାଇଥିଲା। ତୃତୀୟ ଦିବସରେ ଅତିଥିଭାବେ ବନାଞ୍ଚଳ ଅଧିକାରୀ ଲକ୍ଷ୍ମୀପ୍ରସାଦ ବିଷୋୟୀ, ଡ. ପ୍ରଦୀପ ଷଡ଼ଙ୍ଗୀ ଯୋଗ ଦେଇଥିଲେ। ଏକ ଶୋଭାଯାତ୍ରାରେ ବାହାରି ବିଭିନ୍ନ ସାହି ପରିକ୍ରମା କରି ସଚେତନତାମୂଳକ ବାର୍ତ୍ତା ପ୍ରଚାର କରାଯାଇଥିଲା। ଶିବିରରେ ଗଜପତି ଜିଲାର ୨୨ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ସ୍ନାତକ ମହାବିଦ୍ୟାଳୟର ୧୫୦ ଜଣ ଯୁବ ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ।

# ବିଏସ୍‌ଏନ୍‌ଏଲ୍ ସେବା ମିଳୁ ନ ଥିବା ଅଭିଯୋଗ

## ପ୍ରତିଶ୍ରୁତି ପରେ ହଟିଲା ରାସ୍ତାରୋକୋ



ରାଇକିଆ, ୧୭।୧୧ (ପ୍ରଦୀପ ବେହେରା)

ରାଇକିଆ ଥାନା ମାଣିକେଶ୍ୱର ପଞ୍ଚାୟତବାସୀ ବିଏସ୍‌ଏନ୍‌ଏଲ୍ ସେବାରୁ ବଞ୍ଚିତ ହେଉଛନ୍ତି। ବିଭିନ୍ନ ସ୍ଥାନରେ ଟାୱାର ସ୍ଥାପନ ହେଇଥିଲେ ମଧ ସେବା ମିଳୁନାହିଁ। ଇଣ୍ଟରନେଟ ଯୁଗରେ ଲୋକେ ମୋବାଇଲ ଭଳି ସାଧାରଣ ସୁବିଧା ପାଇ ପାରୁନାହାନ୍ତି। ଏହାର ପ୍ରତିବାଦରେ ସୋମବାର ମାଣିକେଶ୍ୱର ପଞ୍ଚାୟତବାସୀ ରାସ୍ତାରୋକ କରିବା ସହ ଆନ୍ଦୋଳନ କରିଥିଲେ। ଖବର ପାଇ ଜି.ଉଦୟଗିରି ଏସ୍‌ଡ଼ିପିଓ ବିଜୟ କୁମାର ବିଶି ଏବଂ କନ୍ଧମାଳ ଏମ୍‌ପିଙ୍କ ପ୍ରତିନିଧି ତଥା ଟେଲିଫୋନ୍ ଆଡଭାଇଜର କମିଟି ସଦସ୍ୟ ସନ୍ତୋଷ ଲେଙ୍କା ପହଞ୍ଚି ଲୋକମାନଙ୍କୁ ବୁଝାଇବା ସହ ଏହାର ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେବା ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ମାଣିକେଶ୍ୱର ଠାରେ ତୁରନ୍ତ ସେବା ଆରମ୍ଭ ହେଇଥିବା ବେଳେ ବରେପାଙ୍ଗାରେ ମଧ ଖୁବଶୀଘ୍ର କାର୍ଯ୍ୟକ୍ଷମ ହେବ ବୋଲି ସନ୍ତୋଷ କହିଛନ୍ତି।


**OFFICE OF THE PANCHAYAT SAMITI, KUSUMI,**
**Dist.-Mayurbhanj**
**Panchayati Raj & DW Department**
**Govt. of Odisha**
**Short Tender Call Notice**

Tender Notice No.1/2025 Dt.15.11.2025

**No.i-381** : The Block Development Officer, Kusumi on behalf of Government of Odisha invites sealed tender on percentage rate basis from registered contractor of Odisha PWD/WR/RWD/NH/MI/CPWD for the following work in conformity with the detail tender call notice.

| Sl. No. | Name of Work | Estimated Amount Put to Tender | Class of Contractor |
|---|---|---|---|
| 1 | Development of Model Hato at Hatbadra G.P | 6355962 | B |

**Time Line**
Availability of tender document at **http://mayurbhanj.odisha.gov.in** from on dt.18.11.2025 to 05.12.2025
Last date of submission of tender document : Dt.09.12.2025 upto 05.00 P.M.
Date of Opening of Tender Paper : Dt.11.12.2025
Interested Contractors/bidders are requested to follow up the schedule given above.

OIPR- **Sd./- BDO, Kusumi**



ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର
(ଗ୍ରାମ୍ୟ / ପୋଷ୍ଟ – ଆମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର – ୭୬୦୦୧୧, ଗଞ୍ଜାମ, ଓଡ଼ିଶା)
**OFFICE OF THE CHIEF CONSTRUCTION ENGINEER,**
**RURAL WORKS CIRCLE, BERHAMPUR**
(At/PO-Ambapua, Near Income Tax Office, Berhampur-760011, Ganjam, Odisha)
**(E-Mail : serwbpr2004@yahoo.com, Tel No.: 0680-2404287)**
**No. e-tender : // 4131 // RWC // BAM // Dated.07.11.2025**
**OFFICE ORDER**
**Bid Identification No. Online Tender/37-2025-26/BPR**

**No.O-1494** : Due to unavoidable circumstances, the tender invited vide this office Bid Identification No. Online Tender/37-2025-26/BPR is hereby cancelled.

**Sd./- Chief Construction Engineer,**
OIPR- **R.W. Circle, Berhampur**



**OFFICE OF THE**
**TRANSPORT COMMISSIONER-CUM-CHAIRMAN**
**STATE TRANSPORT AUTHORITY, ODISHA, CUTTACK**
**TENDER CALL NOTICE**

**Notice No. : LXVI-27/2022 16911 Date : 15.11.2025**

**No.JJ-66** : Bidders are invited for submission of bids for Selection of Agency for Providing Manpower for the office of Transport Commissioner and Sub-Ordinate Offices by the office of Transport Commissioner for online submission latest by **08.12.2025**.

For details, please visit the websites www.odishatransport.gov.in and www.gem.gov.in.

**By the orders of**
**Transport Commissioner, Odisha**
**Sd./- Additional CommissionerTransport (Admin.)**
OIPR- **STA, Odisha, Cuttack**



**No.C-1492**

**CUTTACK MUNICIPAL CORPORATION**
**"e" PROCUREMENT NOTICE**
**Tender Call Notice No. 14876 (PW) Date : 15.11.2025**
**Tender ID : 2025_ORULB_121312**
**Bid Value : Rs.3.29 Lakhs to Rs.13.28 Lakhs**
Date and Time schedule :

| Start | End | Opening |
|---|---|---|
| 11.00 A.M. on dt.18.11.2025 | 5.00 P.M. on dt.27.11.2025 | 11.00 A.M. on dt.01.12.2025 |

Tender Details : Can be seen from the procurement portal : **www.tendersorissa.gov.in**

**Sd./- Executive Engineer**
**City Division-II,**
OIPR- **CMC**



**GOVERNMENT OF ODISHA** No.A-899
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER,**
**BARGARH IRRIGATION DIVISION, BARGARH**
e-mail : eecanalbgh11@gmail.com
**e-Procurement Notice No. BID-05/2025-26 dt.13.11.2025**

1. Name of the work : Improvement of canal
2. Total No. of works : 1 No.
3. Estimated cost : Rs.36.78 Lakh (approx)
4. Class of contractor : "C" and "B" class
5. Period of completion : 60 days excluding canal opening period
6. EMD required : Rs.36,800.00
7. Online for bidding : 19.11.2025 at 10.00 A.M. to 28.11.2025 up to 05.00 P.M.
8. Last date & time of seeking of tander clarification : Dt.25.11.2025 upto 01:00 P.M.
9. Date & time of opening of tender : Dt.29.11.2025 at 11.00 A.M.

Other details can be seen from the website **https://tendersodisha.gov.in**

**Sd./- Superintending Engineer**
OIPR- **Bargarh Irrigation Division, Bargarh**



**DISTRICT PROJECT OFFICE,**
**SAMAGRA SHIKSHA, BALANGIR**
**AT - COLLEGE CHOWK, PO-DIST : BALANGIR, 767001**
**Email ID : dpcbolangirssa.opepa@nic.in**
**No. XXIII / KGBV / 01 / 2025 / 3469/Dt: 15.11.2025**
**NOTIFICATION FOR PUBLICATION OF PROVISIONAL MERIT LIST AND FINAL REJECT LIST OF THE APPLICANTS APPLIED FOR DIFFERENT VACANT POSTS UNDER KGBV HOSTELS (TYPE-III) - 2025**

**No.n-195** : In continuance to this Office Advertisement No. 1880 dated 25.06.2025 & Notification No.2539 dated 06.09.2025, it is hereby informed to all Applicants concerned, who had applied for different vacancies under KGBV Hostels (Type-III) of Balangir District, that **the Provisional Merit List and Final Reject List of the Applicants** are available in OSEPA and Balangir District websites i.e. www.osepa.odisha.gov.in and www.balangir.odisha.gov.in. All applicants are hereby requested to go through the list accordingly. The detail schedule of the **Written Test, Viva-voce Test and Original Certificates / Documents Verification**, as the case may be, for selection of the posts advertised, is enclosed herewith at **ANNEXURE-1** and all candidates, found place in the Provisional Merit List, are requested to go through the date schedule carefully and attend the same as per schedule, without fail. If any candidate, found place in the Prov. Merit List, failed to attend the Written Test, Viva-voce Test and Original Certificates / Documents verification, as the case may be, as per date schedule fixed for the purpose, her candidature shall not be taken into consideration, whatsoever the reason may be.

**By Order of the**
**Collector-cum-Chairman,**
**Samagra Shiksha, Balangir**
**Sd./- District Education Officer & DPC,**
OIPR- **Samagra Shiksha, Balangir**



**OFFICE OF THE SUPERINTENDING ENGINEER,**
**KHORDHA (R&B) DIVISION, KHORDHA**
**INVITATION FOR BIDS (IFB)**
E-mail : pwdoff_khd@yahoo.com
**Tender Call Notice**
**Bid Identification No. S.E.-KHD-(R&B)-27/25-26**
**Letter No. 6375 dtd. 10.11.2025**

**No.B-685** : The **Superintending Engineer, Khordha (R&B) Division, Khordha** on behalf of Governor of Odisha invites **Percentage rate bids in Single Cover System from appropriate Class of contractors as detailed below** registered with the State Governments and Contractors of equivalent Grade / Class registered with Central Government / MES / Railways for execution of the **Civil**. The bidder not registered under the State Government has to register under the State PWD & ELBO in appropriate class of eligiblity before signing of the agreement.

1. Nature of Work : **Civil Work**
2. No. of Work : 2 Nos.
3. Tender Cost : Rs.6000.00 (Online)
4. Class of Contractor : Sl. No.01-C & B Class Contractor; Sl. No.02-'D' & C Class Contractor
5. Available of Bid documents in the Website : From Dt.18.11.2025 at 12.00 Noon to Dt.27.11.2025 at 5.00 P.M.
6. Date of opening of Bids : Dt.28.11.2025 at 11.00 A.M.
7. Bidders have to participate in ONLINE bidding only. Further details can be seen from the Website : https://tenderodisha.gov.in. Any information regarding Addendum / Corrigendum / Cancellation of tender can be available in the said website.

**Sd./- Superintending Engineer**
OIPR- **Khordha (R&B) Division, Khordha**

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଖରସ୍ରୋତା ପୁସ୍ତକ ମେଳା ପାଇଁ ସମୀକ୍ଷା ବୈଠକ



ସମୀକ୍ଷା ବୈଠକରେ ଯୋଗଦେଇଥିବା ପୁସ୍ତକ ମେଳାର ସଦସ୍ୟମାନେ।

**ବିଞ୍ଝାରପୁର,୧୭।୧୧(ରାମକୃଷ୍ଣ ଦାସ)**

ଖରସ୍ରୋତା ପୁସ୍ତକ ମେଳା କମିଟି ପକ୍ଷରୁ ଡିସେମ୍ବର ୧୬ରୁ ୨୨ ତାରିଖ ପର୍ଯ୍ୟନ୍ତ ସପ୍ତାହ ବ୍ୟାପୀ ଫତେପୁରସ୍ଥିତ ମଲିଆ ଯଜ୍ଞ ପଡ଼ିଆରେ ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ଏକ ସମୀକ୍ଷା ବୈଠକ ଫତେପୁରସ୍ଥିତ ବରୁଣେଇ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପଦ୍ମାକର ଗୁରୁଙ୍କ ଅଧ୍ୟକ୍ଷତାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚଳିତ ନଭେମ୍ବର ୧୭ରୁ ୨୭ ତାରିଖ ମଧ୍ୟରେ ସ୍ଥାନୀୟ ଅଞ୍ଚଳରେ ଥିବା ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟ କମିଟିର କର୍ମକର୍ତ୍ତା, ଉପଦେଷ୍ଟା, କାର୍ଯ୍ୟକାରୀ ସଭ୍ୟାସଭ୍ୟମାନେ ଗସ୍ତ କରି ଆଗାମୀ ପୁସ୍ତକ ମେଳା କିପରି ସଫଳ ହେବ ସେଥିଲାଗି ସହଯୋଗ କାମନା କରିବା ସହ ଛାତ୍ରୀଛାତ୍ର ଆଗ୍ରହ ପୂର୍ବକ ପୁସ୍ତକ ମେଳାକୁ ଆସନ୍ତୁ ନିମନ୍ତ୍ରଣ କରିବେ। ପୁସ୍ତକ ମେଳା ସମୟରେ ପ୍ରତ୍ୟେକ ଦିନ ବିଭିନ୍ନ ପ୍ରତିଯୋଗିତାରେ ଛାତ୍ରୀଛାତ୍ରମାନେ କିପରି ଅଂଶଗ୍ରହଣ କରିପାରିବେ। ସମସ୍ତେ ଯେପରି ଖଣ୍ଡେ ଖଣ୍ଡେ ପୁସ୍ତକ କିଣି ପଢ଼ିବେ ସେ ଦିଗରେ ସ୍ୱତନ୍ତ୍ର ଭାବେ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଅଧ୍ୟକ୍ଷମାନେ ଧ୍ୟାନ ଦେଲେ ପୁସ୍ତକ ମେଳା ଗ୍ରାମାଞ୍ଚଳରେ ବିନା ବାଧାରେ ନିରନ୍ତର ଆୟୋଜନ ସଫଳ ହୋଇପାରିବ ବୈଠକରେ ମତପ୍ରକାଶ ପାଇଥିଲା। ଏଥିପାଇଁ ମେଳା କମିଟି ପକ୍ଷରୁ ୭ଟି ଗ୍ରୁପ୍ ଗଠନ କରାଯାଇ କୋର୍ କମିଟି ସଭ୍ୟ ସଂଗ୍ରହ ସହ ଜନସାଧାରଣ ଓ ସଚେତନ ସକ୍ରିୟ ନାଗରିକମାନଙ୍କ ନିକଟରେ ନଭେମ୍ବର ୨୭ ସୁଦ୍ଧା ପହଞ୍ଚି ପୁସ୍ତକ ମେଳାକୁ ନିମନ୍ତ୍ରଣ କରାଯିବ। ଏଥିସହ ସ୍ଥାନୀୟ ନିର୍ବାଚିତ ଜନପ୍ରତିନିଧିମାନଙ୍କୁ ଭେଟି ନିମନ୍ତ୍ରଣ କରିବାକୁ ଏହି ୭ଟି ଗ୍ରୁପ୍ର ସଭ୍ୟମାନେ ସମ୍ପାଦନ କରିବାକୁ ଗୁରୁ ପରାମର୍ଶ ଦେଇଥିଲେ। ଏହି ସମୀକ୍ଷା ବୈଠକରେ କମିଟିର ମୁଖ୍ୟ ଉପଦେଷ୍ଟା ସୁଶାନ୍ତ କୁମାର ନାୟକ, କାର୍ଯ୍ୟକାରୀ ସଭାପତି ସୁବାସ ଚନ୍ଦ୍ର ପ୍ରଧାନ, ବରିଷ୍ଠ ଉପଦେଷ୍ଟା ରବି ନାରାୟଣ ସାମଲ, ସୁରେନ୍ଦ୍ର କୁମାର ପତି, ସନ୍ତୋଷ କୁମାର ବେଉରିଆ ନିରଞ୍ଜନ ପାତ୍ର, ସୁଧୀର କୁମାର ଆଚାର୍ଯ୍ୟ, ସମ୍ପାଦକ ଜିତେନ୍ଦ୍ର କୁମାର ବେହେରା, ବିପିନୀ କୁମାର ନାୟକ, କୋଷାଧ୍ୟକ୍ଷ ରତ୍ନାକର ସାହୁ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଆସିଲାନି ସରକାରୀ ଚିନାବାଦାମ ବିହନ: ଚାଷୀ ହତାଶ

**ବରୀ,୧୭।୧୧(ମହେନ୍ଦ୍ର ସ୍ୱାଇଁ):**

- ବରୀ ବ୍ଲକ୍ ଚାଷୀମାନଙ୍କ ଆବଶ୍ୟକତା ପ୍ରଶାସନ ଦେଉନି ଗୁରୁତ୍ୱ
- ସରକାରୀ ବିହନ ନ ଆସିବାରୁ ବ୍ୟବସାୟୀ ଉଚ୍ଚଦରରେ ବିକ୍ରି କରୁଛନ୍ତି

ଯାଜପୁର ଜିଲା ବରୀ ବ୍ଲକ୍ର ଅଧିକାଂଶ ଲୋକ କୃଷି ଉପରେ ନିର୍ଭରଶୀଳ। ବିଶେଷକରି ଚିନାବାଦାମ ଏକ ଲାଭଜନକ ଫସଲ ହୋଇଥିବାରୁ ବ୍ଲକ୍ର ଚାଷୀମାନେ ଏହି ଚାଷକରି ନିଜର ଆର୍ଥିକ ମେରୁଦଣ୍ଡକୁ ସୁଦୃଢ଼ କରିବା ସହ ପରିବାର ପ୍ରତିପୋଷଣ କରିଥାନ୍ତି। ମାତ୍ର ସରକାର କୃଷିକ୍ଷେତ୍ରକୁ ଗୁରୁତ୍ୱଦେବା ସହ ଚାଷୀମାନଙ୍କୁ ଉନ୍ନତ ପ୍ରଣାଳୀରେ ଚାଷ କରି ଆତ୍ମନିର୍ଭରଶୀଳ ହେବାକୁ ଯୋଜନା କରୁଛନ୍ତି। ଚଳିତବର୍ଷ ଖରିଫ ଋତୁରେ ଏହି ଅଞ୍ଚଳର ଚାଷୀମାନେ ଜମି ଚାଷ କରି ସରକାରଙ୍କ ପକ୍ଷରୁ ରିହାତି ଦରରେ ଚିନାବାଦାମ ବିହନକୁ ଅପେକ୍ଷା କରିଛନ୍ତି। ହେଲେ ବିହନ ନ ଆସିବାରୁ ଚାଷୀମାନଙ୍କୁ ହତାଶ ହେବାକୁ ପଡ଼ିଛି।

ବରୀ ବ୍ଲକ୍ର ଅଙ୍ଗାଲୋ, କଳାମାଟିଆ, ଅନ୍ୟାସୀପୁର, ବାଲିବିଲ, ଅଲିପୁର, ଅରଙ୍ଗାବାଦ, ରତଲାଙ୍ଗ, ଉଦୟନାଥପୁର, ଭଅଁରା, ବୋଦୁଅ, ସ୍ୱାଇଁଖଣ୍ଡ, ଧାରପୁର, ସାହୁପଡ଼ା, ବାଲିଆ, ଚନ୍ଦନପୁର, ଅମଠପୁର ଆଦି ପଞ୍ଚାୟତର ଚାଷୀମାନେ ପ୍ରତିବର୍ଷ ଚିନାବାଦାମ ଚାଷ କରିଥାନ୍ତି। କିନ୍ତୁ ସରକାରଙ୍କ କୃଷିବିଭାଗ ପକ୍ଷରୁ ଚିନାବାଦାମ ବିହନ ଯୋଗାଇ ଦିଆଯାଇ ନ ଥିବାରୁ ଚାଷୀମାନେ ବାଧହୋଇ ୪୦ କି.ଗ୍ରା.କୁ ୩୮୦୦ରୁ ୩୯୦୦ ଟଙ୍କା ପର୍ଯ୍ୟନ୍ତ ଦେଇ ଖୋଲା ବଜାରରୁ କ୍ରୟ କରୁଛନ୍ତି। ବାଲିବିଲ ପଞ୍ଚାୟତ ଯୁବଚାଷୀ ଅଶୋକ ପଢ଼ିହାରୀ କହିଛନ୍ତି, ସରକାରଙ୍କ ଚାଷୀମାନଙ୍କ ପାଇଁ ଯୋଜନା କେବଳ କାଗଜକଲମରେ ସୀମିତ ରହିଛି। ଚିନାବାଦାମ ବିହନ ଯୋଗାଣ କଥାରୁ ଜଣାପଡୁଛି। ଚାଷୀ ମୁକ୍ତେଶ୍ୱର ସାମଲ କହିଛନ୍ତି, ସରକାରୀ ଯୋଜନା କେବଳ ଲୋକ ଦେଖାଣିଆ। କିନ୍ତୁ ଚାଷୀମାନଙ୍କ ସ୍ୱାର୍ଥକୁ ଆଖି ଆଗରେ ରଖି ନିର୍ଦ୍ଦିଷ୍ଟ ସମୟରେ ଆବଶ୍ୟକ ମୁତାବକ ରିହାତି ଦରର ଚିନାବାଦାମ ବିହନ ଯୋଗାଣ ହୋଇ ନ ଥିବାରୁ ଯେତିକି ପରିମାଣରେ ଚାଷ କରିବା କଥା ଅର୍ଥ ଅଭାବରୁ ଅଧାରୁ କମ୍ ଜମିରେ ଲଗାଇବାକୁ ବାଧ ହୋଇଛି। ସୂଚନା ମୁତାବକ, ସରକାରଙ୍କ ପକ୍ଷରୁ ବରୀ ବ୍ଲକ ବୋଦୁଅ ପଞ୍ଚାୟତକୁ ବସ୍ତା ପ୍ରତି ୩୦ କିଗ୍ରା ହିସାବରେ ୨୦୦ ବସ୍ତା ୬ ଶହ କୁଇଣ୍ଟାଲ ବିହନ ଆସିଛି। ଯାହା ଏ ପର୍ଯ୍ୟନ୍ତ ବଣ୍ଟନ ହୋଇନାହିଁ। ଏହାକୁ ବ୍ଲକସ୍ତରରେ ଭିଏଡବ୍ଲ୍ୟୁମାନଙ୍କ ମାଧ୍ୟମରେ ଚାଷୀମାନଙ୍କୁ ଚିହ୍ନଟ କରାଯାଇ ଯୋଗାଇ ଦିଆଯିବ ବୋଲି ସୂଚନା ମିଳିଛି। ମାତ୍ର ଚିହ୍ନଟ ହୋଇଥିବା ବୋଦୁଅ ପଞ୍ଚାୟତରେ ବହୁ ବାଦାମ ଚାଷୀ ଥିବାବେଳେ ବରୀ ବ୍ଲକ୍ ଦାୟିତ୍ୱରେ ଥିବା କର୍ମଚାରୀମାନେ ଚାଷୀ ଚିହ୍ନଟ କରିବା ପ୍ରକ୍ରିୟା ବିଳମ୍ବ କରୁଥିବାରୁ ଆସିଥିବା ବାଦାମ ବିହନ ଅଦ୍ୟାବଧି ବ୍ଲକ୍ କୃଷି କାର୍ଯ୍ୟାଳୟରେ ଗଚ୍ଛିତ ରହିଛି। ଏହା ବ୍ୟତୀତ ଚଳିତବର୍ଷ ବରୀ ବ୍ଲକ୍କୁ ସରକାରଙ୍କ ପକ୍ଷରୁ ରିହାତି ଦରରେ ପୂର୍ବରୁ ଯୋଗାଇ ଦିଆଯାଉଥିବା ବାଦାମ ବିହନ ଚଳିତବର୍ଷ ନ ମିଳିବାର ସୂଚନା ମିଳିଛି। ଏ ସମ୍ପର୍କରେ ବରୀ ବ୍ଲକ କୃଷି ବିଭାଗ ଯନ୍ତ୍ରୀ ଶ୍ରୀକାନ୍ତ କୁମାର ନାୟକଙ୍କୁ ପଚାରିବାରେ ସରକାରୀ ନିୟମ ମୁତାବକ ଚାଷୀମାନେ ପୂର୍ବରୁ ଅର୍ଥ ପୈଠକରି ଚିନାବାଦାମ ବିହନ ଆଣିବାକୁ କେହି ବି ଆବେଦନକରି ନ ଥିବାରୁ ଚଳିତ ବର୍ଷ ଆଉ ବ୍ଲକକୁ ବାଦାମ ବିହନ ଆସିବାର ସମ୍ଭାବନା ନାହିଁ ବୋଲି ସେ କହିଛନ୍ତି।

# ଯାଜପୁର ପରିବହନ କାର୍ଯ୍ୟାଳୟ ପକ୍ଷରୁ ଶୂନ୍ୟ ମୃତାହତ ପକ୍ଷ



ପୋଲିସ ପକ୍ଷରୁ ବାଇକ୍ ଆରୋହୀ ହେଲ୍‌ମେଟ ପିନ୍ଧିଥିବାରୁ ଗୋଲାପ ଫୁଲ ଦେଇ ସମ୍ବର୍ଦ୍ଧିତ କରାଯାଉଛି।

**ପାଣିକୋଇଲି,୧୭।୧୧(ବିକାଶ ଚନ୍ଦ୍ର ମଲ୍ଲିକ):**

ବେପରୁଆ ତଥା ଅନଭିଜ୍ଞ ଗାଡ଼ି ଚାଳନା ପାଇଁ ପ୍ରତିଦିନ ରାସ୍ତା ଦୁର୍ଘଟଣାରେ ବହୁଧନ ଜୀବନ କ୍ଷତିଗ୍ରସ୍ତ ହେଉଛି। ଏଥିନିମନ୍ତେ ରାଜ୍ୟ ସରକାରଙ୍କ ପରିବହନ ବିଭାଗ ପକ୍ଷରୁ ବାରମ୍ବାର ଗାଡ଼ି ଚାଳକମାନଙ୍କ ସଚେତନତା କରାଇବା ଲାଗି କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି। ତେବେ ପରିବହନ ବିଭାଗ ପକ୍ଷରୁ ଚଳିତ ମାସ ୧୬ ତାରିଖରୁ ୩୦ ତାରିଖ ପର୍ଯ୍ୟନ୍ତ ଶୂନ୍ୟ ମୃତାହତ ପକ୍ଷ ରାଜ୍ୟର ସମସ୍ତ ଜିଲାରେ ଚାଲୁ ରହିଛି। ଏହି ପରିପେକ୍ଷୀରେ ଯାଜପୁର ଆଞ୍ଚଳିକ ପରିବହନ ଅଧିକାରୀ ଧୀରେନ୍ଦ୍ର କୁମାର ନାୟକଙ୍କ ନିର୍ଦ୍ଦେଶକ୍ରମେ ବିଭାଗର ସହକାରୀ ଏମ୍‌ଭିଆଇ ପ୍ରଦୀପ କୁମାର ବେହେରାଙ୍କ ନେତୃତ୍ୱରେ ଜାତୀୟ ରାଜପଥ ନଂ. ୨୦ରେ କାର୍ଯ୍ୟକ୍ରମ ଆୟୋଜିତ କରାଯାଇଛି। ରାଜପଥରେ ଯାଉଥିବା ବାଇକ୍ ଓ କାର ଆରୋହୀମାନଙ୍କୁ ସଚେତନ କରାଯିବା ସହ ହେଲମେଟ ପିନ୍ଧି ବାଇକ୍ ଚଳାଉଥିବା ବ୍ୟକ୍ତିମାନଙ୍କୁ ଗୋଲାପ ଫୁଲ ଦେଇ ବିଭାଗ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବିଭାଗୀୟ କର୍ମଚାରୀ ଟି. କିଶୋର କୁମାର ଓ ସିସିଲିଆ ହରୋଙ୍କ ସମେତ ସାମାଜିକ କର୍ମୀମାନେ ଉପସ୍ଥିତ ରହି ପରିଚାଳନା କରିଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବାବୁ



@ ମାନସ



@ ପ୍ରଶାନ୍ତ



@ ରାଜକିଶୋର



@ ପ୍ରଜ୍ଞାଜିତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୩୪ ଅଭିଯୋଗର ତତ୍କାଳ ଫଇସଲା



ପ୍ରଶାସନିକ ଅଧିକାରୀମାନେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

**ରସୁଲପୁର,୧୭।୧୧(ରଞ୍ଜିତ ରାଉତ)**

## ରସୁଲପୁରରେ ଜିଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ରସୁଲପୁର ବ୍ଲକ କାର୍ଯ୍ୟାଳୟ ପରିସର ସମ୍ମିଳନୀ କକ୍ଷରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲାପାଳ ଅମ୍ବର କୁମାର କର ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀମାନେ ଅଭିଯୋଗ ଗୁଡ଼ିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ସମସ୍ୟାର ସମାଧାନ କରାଯିବ ବୋଲି ଜିଲାପାଳ କର କହିଥିଲେ। ଏଥିରେ ମୋଟ ୧୦୫ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ୭୪, ଗୋଷ୍ଠୀଗତ ଓ ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୩, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ଲାଗି ୨୭ ଅଭିଯୋଗର ଏବଂ ରେଡକ୍ରସ ସହାୟତା ପାଣ୍ଠିରୁ ୧ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୩୪ ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଶିବିରରେ ଆରକ୍ଷୀ ଅଧୀକ୍ଷକ ଯଶପ୍ରତାପ ଶ୍ରୀମାଲ, ଅତିରିକ୍ତ ଜିଲାପାଳ ଯୁଧିଷ୍ଠିର ନାୟକ, ଅତିରିକ୍ତ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ, ଜିଲା ପରିଷଦ ଲମ୍ବୋଦର ଖୁଣ୍ଟିଆ, ଉପ ଜିଲାପାଳ ତାପସ ରଞ୍ଜନ ଦେହୁରୀ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟ କୁମାର ମିଶ୍ର, ବିଡିଓ ସତ୍ୟାନନ୍ଦ ଦାସ, ତହସିଲଦାର ସିଦ୍ଧାର୍ଥ କୁମାର ବେହେରା ଓ ଜିଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗର ଶୁଣାଣି କରିଥିଲେ।


# Classified Everyday
0674-2580101, 9692975378



REAL ESTATE
SALE

Twinsity- କଟକ ଓ ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ "Grand Bazar" ସମ୍ମୁଖରେ NH ସମ୍ମୁଖର ୧କି.ମି. ଦୂରତାରେ Rev. Road ସଂଲଗ୍ନ ଘରବାରି ପ୍ଲଟ କିଣନ୍ତୁ ଓ ଆପଣଙ୍କର ସ୍ୱପ୍ନର ଗୃହ ନିର୍ମାଣ କରନ୍ତୁ। ସନ୍ତୋଷ-9438362273. D-12

